ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.295, Bhubaneswar Thursday, January 09, 2020 | ୨୨ତମ ବର୍ଷ ସଂଖ୍ୟା–୨୯୫ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୦୯, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ଭାରତ ବନ୍ଦ ପାଇଁ ଜନଜୀବନ ପ୍ରଭାବିତ

ଭୁବନେଶ୍ୱର, ୮।୧(ପି.ଏନ):- ଦରଦାମ୍ ବୃଦ୍ଧି , ଶ୍ରମ ଆଇନ୍ ସଂଶୋଧନ , ନିଯୁକ୍ତି ଓ ସାମାଜିକ ସୁରକ୍ଷା , ସମାନ କାମକୁ ସମାନ ଦରମା ଆଦି ଦାବିରେ ବୁଧବାର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ପାଳନ ହୋଇଛି। ବନ୍ଦ ପାଳନ ଓଡିଶାରେ ସଫଳ ହୋଇଥିବା ସେମାନଙ୍କ ପକ୍ଷରୁ କୁହାଯାଇଛି। ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତପୂର୍ଣ୍ଣ ଭାବେ କରାଯାଇଛି। କୌଣସି ସ୍ଥାନରେ ପୋଡାଜଳା କରାଯାଇ ନାହିଁ। ଜନସାଧାରଣ , କର୍ମଚାରୀ ଓ ଶ୍ରମିକ ମାନେ ସ୍ୱତଃ ପ୍ରବୃତ ଭାବେ ଆନ୍ଦୋଳନରେ ସହଯୋଗ କରିଥିବା ସେମାନେ ଦାବି କରିଛନ୍ତି। ବନ୍ଦ ପ୍ରଭାବରେ ବ୍ୟାଙ୍କ୍ ସେବା , ବସ୍ , ଟ୍ରେନ୍ ଓ ଅଟୋ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।ଏଥିଯୋଗୁଁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ଜାତୀୟ ରାଜପଥ , ରାଜ୍ୟ ରାଜପଥ ମାନଙ୍କରେ ଗାଡି ଚଳାଚଳ କମ୍ ରହିଥିଲା। ରାସ୍ତା କଡରେ ବସ୍ ଓ ଟ୍ରକ୍ ଗୁଡିକ ଅଟକି ରହିଥିଲା। ରାଜଧାନୀ ଭୁବନେଶ୍ୱର ସମେତ , କଟକ , ବାଲେଶ୍ୱର , ଭଦ୍ରକ , ଯାଜପୁର ଆଦିରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଅଟୋ ଓ ଟ୍ୟାକ୍ସି ଚଳାଚଳ ବନ୍ଦ ଯୋଗୁଁ ବିମାନ ବନ୍ଦର ଓ ରେଳଷ୍ଟେସନ୍ ରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ସମୟରେ କିଛି ଯୁବକ ବାଇକ୍ ସେବା ଯୋଗାଇବା ବାହାରେ ଯାତ୍ରୀଙ୍କୁ ଲୁଟୁଥିବାର ଦେଖିବାକୁ ମିଳିଥିଲା। ବାଇକ୍ ରେ ବସାଇ ଛାଡି ଦେବା ପାଇଁ ମନଇଚ୍ଛା ଟଙ୍କା ନେଇଥିଲେ। ଯାତ୍ରୀ ମାନେ ମଧ୍ୟ ଅନ୍ୟ ଉପାୟ ନପାଇ ଅଧିକ ଟଙ୍କା ଦେବାକୁ ବାଧ୍ୟ ହୋଇଥିଲେ। ବନ୍ଦ ଯୋଗୁଁ ପେଟ୍ରୋଲ ପମ୍ପ୍ ଗୁଡିକ ବନ୍ଦ ରହିଥିଲା। ସେହିପରି ମଲ୍ , ୧ ନମ୍ବର ମାର୍କେଟ୍ ବନ୍ଦ ରହିଥିଲା। ପୂର୍ବରୁ ବିଭିନ୍ନ ଜିଲ୍ଲା ମାନଙ୍କରେ ସ୍କୁଲ ଗୁଡିକୁ ଛୁଟି ଘୋଷଣା କରାଯାଇଥିଲା। ତେବେ ଭୁବନେଶ୍ୱରରେ କେତେକ ସ୍ଥାନରେ ଦୋକାନ ବଜାର ଖୋଲା ରହିଥିଲା। ସୁରକ୍ଷା ବ୍ୟବସ୍ଥା ନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ୍ ମୂତୟନ କରାଯାଇଥିଲା। କର୍ମଚାରୀମାନଙ୍କ ଉପସ୍ଥିତି ସଚିବାଳୟ , ବିଧାନସଭା , ମୁଖ୍ୟ ଦପ୍ତର, ବିଶ୍ୱ ବିଦ୍ୟାଳୟ ଏବଂ କଲେଜରେ ସ୍ୱାଭାବିକ ରହିଥିଲା। ରାଜଧାନୀରେ ଟ୍ରେଡ୍ ୟୁନିୟନ୍ ମାନଙ୍କ ସହ ବାମପନ୍ଥୀ ଦଳ , କଂଗ୍ରେସ ଦଳର କର୍ମୀମାନେ ରାସ୍ତାରୋକ କରିଥିଲେ। ବନ୍ଦକୁ ସମର୍ଥନ ଜଣାଇ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନ କରୁଥିବା ଶତାଧିକ ନେତାଙ୍କୁ ପୋଲିସ୍ ଉଠାଇ ନେଇଥିଲା। ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ , ଶିବାନନ୍ଦ ରାୟ, କିଶୋର ଜେନା , ପ୍ରଣତି ମିଶ୍ର , ରାଧାକାନ୍ତ ସେଠୀ , ଜନାର୍ଦ୍ଦନ ପତି , ଆଶିଷ କାନୁନଗୋ , ରାମକୃଷ୍ଣ ପଣ୍ଡା , ଜୟଦେବ ଜେନା ,ସଂଗ୍ରାମ କେଶରୀ ଜେନା , ଧୂର୍ଜଟୀ ଦାସ, ମହେନ୍ଦ୍ର ପରିଡା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଗିରଫ ହୋଇଥିଲେ ।ସେମାନେ ଅଭିଯୋଗ କରିଥିଲେ ରାଷ୍ଟ୍ରାୟତ ବ୍ୟାଙ୍କ , ସାଧାରଣ ପରିବହନ ଉପରୁ ପୁଂଜି ପ୍ରତ୍ୟାହାର ଓ ପ୍ରତ୍ୟେକ୍ଷ ବିଦେଶୀ ପୁଂଜି ନିବେଶ କରି ଘରୋଇ କରଣ କରିବାରେ ସରକାର ଲାଗିଛନ୍ତି। ସମାନ କାମ ପାଇଁ ସମାନ ପଜୁରି ଦେବାକୁ କୋର୍ଟ ରାୟ ଦେଇଥିବା ବେଳେ ଏହାକୁ ମାନୁ ନାହାନ୍ତି। ରିଜର୍ଭ ବ୍ୟାଙ୍କ ସଂଚିତ ଟଙ୍କା ଉଠାଇ ରାଜ୍ୟ ସରକାର କର୍ପୋରେଟର ମାନଙ୍କ ସ୍ୱାର୍ଥରେ ବ୍ୟବହାର କରଛନ୍ତି। ବ୍ୟାଙ୍କ୍ ଗୁଡିକର ମିଶ୍ରଣ କରି ଏଗୁଡିକୁ ଘରୋଇ କରଣ ପରିବାକୁ ଚେଷ୍ଟା କରିଛନ୍ତି। ଅଣଦେଖା ପାଇଁ ଚାଷୀ ଅତ୍ମହତ୍ୟା ପାଇଁ ବି ଚାଲିଛି। ଦେଶରେ ସାମ୍ପ୍ରଦାୟିତ ବାତାବରଣ ର ସୃଷ୍ଟି କରାଯାଉଛି। ବେକାରୀ ସମସ୍ୟା ଉତ୍କଟ ହୋଇଛି। ବିମୁଦ୍ରୀକରଣର ପ୍ରଭାବ , ଦେୟ ଯୁକ୍ତ ଜିଏସଟି ଫଳରେ ପେଟ୍ରୋଲ ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମରେ ସରକାର ଖର୍ଚ୍ଚ କାଟ୍ କରିବା ଫଳରେ ଶ୍ରମିକ ମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି। ଅନ୍ୟପକ୍ଷରେ ବନ୍ଦ ପାଇଁ ବିଧାନସଭା , ସଚିବାଳୟ ର ଗେଟ୍ ୧୦ଟା ୧୫ ବେଳକୁ ବନ୍ଦ କରିଦିଆଯାଇଥିଲା। ପୂର୍ବାହ୍ନ ସାଢେ ୯ଟା ବେଳକୁ ମନ୍ତ୍ରୀମାନେ ମୋଟର ସାଇକେଲରେ ସଚିବାଳୟ ଆସିବାର ଦେଖାଯାଇଥିଲା।



ଇରାନର ୟୁକ୍ରେନରେ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ

## ଏନ୍ଆଇଏନ୍ଏଲ୍ ଓ ଏମ୍ଏମ୍ଡିଆର୍ ଆକ୍ଟ ନେଇ କେନ୍ଦ୍ର କ୍ୟାବିନେଟରେ ନିଷ୍ପତ୍ତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୧(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ରେ ନିଆଯାଇଥିବା ଐତିହାସିକ ନିଷ୍ପତି ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସରେ ବଡ ପଦ ପଦକ୍ଷେପ । ଏହି ନିଷ୍ପତି ଦ୍ୱାରା ଓଡିଶା ଭଳି ରାଜ୍ୟ ଅଧିକ ଲାଭ ପାଇବ ବୋଲି ନୂଆଦିଲ୍ଲୀ ଠାରେ କ୍ୟାବିନେଟ ବୈଠକରେ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ତନ୍ମଧ୍ୟରୁ ଓଡିଶାର ନୀଳାଚଳ ଇସ୍ପାତ ନିଗମ(ଏନଆଇଏନଏଲ)ରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତିକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି । ଯଦ୍ୱାରା ଏନ୍ଆଇଏନ୍ଏଲରେ ନୂଆ ଉପାୟରେ ପୁଞ୍ଜି ପ୍ରତ୍ୟାହାର ଓ ସ୍ୱଚ୍ଛ ଉପାୟରେ ନିଲାମୀ ମାଧ୍ୟମରେ ଆଗାମୀ ଦିନରେ ଏହି ୧.୧ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପକୁ ୧୦ ମିଲିୟନରେ ପରିଣତ କରାଯିବ। ଏହା ଦ୍ୱାରା ନୀଳାଚଳ ଇସ୍ପାତ କାରଖାନାର ସଂପ୍ରସାରଣ ହେବ। ସାରା ଦେଶରେ ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନ୍ ଇସ୍ପାତ୍ ଉତ୍ପାଦନର ଲକ୍ଷ୍ୟ ରହିଥିବା ବେଳେ ଓଡିଶା ୩୦ ପ୍ରତିଶତ ବା ପ୍ରାୟ ୧୦୦ ମିଲିୟନ ଟନ୍ ଇସ୍ପାତ୍ ଉତ୍ପାଦନ କରିବ। ଏହି ନିଷ୍ପତି ଓଡିଶାର ଇସ୍ପାତ୍ ଇତ୍ପାଦନ କ୍ଷମତାକୁ ବଢାଇବ ଓ ଚାକିରି, ବ୍ୟବସାୟ ଓ ରାଜ୍ୟର ରୋଜଗାର ବଢାଇବ। କଳିଙ୍ଗ ନଗରକୁ ଷ୍ଟିଲ୍ ହବ୍ କରିବାରେ ଏନଆଇଏନଏଲ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କ୍ୟାବିନେଟ୍ ବୈଠକରେ ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭଲପମେଂଟ ରେଗୁଲେସନ ଆକ୍ଟ(ଏମ୍ଏମ୍ଡିଆର) ଏବଂ କୋଲ ମାଇନ୍ସ(ସ୍ପେଶିଆଲ ପ୍ରୋଭିଜନ) ନିୟମରେ ପରିବର୍ତ୍ତନ କରାଯାଇଛି । ଏବେ କୋଇଲା କ୍ଷେତ୍ରରେ ପୁଞ୍ଜିନିବେଶ ଓ କୋଇଲା ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି । ଏହା କାରଣରୁ ଓଡିଶା ଭଳି କୋଇଲା ଭଣ୍ଡାର ଥିବା ରାଜ୍ୟର ରାଜ୍ୟ ରଜକୋଷ ଓ ସ୍ଥାନୀୟ ବ୍ୟବସାୟ ତଥା ଶିଳ୍ପ ପ୍ରଗତିରେ ବଡ ସହଯୋଗ ଦେବ। କୋଇଲା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ କଟକଣାକୁ ମଧ୍ୟ ହଟାଯାଇଛି । ଇସ୍ପାତ ଶିଳ୍ପକୁ ଏଥିରୁ ବେଶୀ ଲାଭ ମିଳିବ। ଇସ୍ପାତର ଦାମ୍ କମିବା ସହ କୋଇଲାର ଆମଦାନୀ ହ୍ରାସ ହେବ।ଏହି ନିୟମ ଦ୍ୱାରା କୋଲ ବ୍ଲକ ଆବଂଟନରେ ସୁବିଧା ହେବା ସହ ବାଣିଜ୍ୟିକ କୋଇଲା ଅଧିକ ମାତ୍ରାରେ ଉତ୍ପାଦନ ହେବ। ଏହି ସଂଶୋଧନ ସହ କୋଲ ବ୍ଲକର ଆବଂଟନ ଖଣି ଲାଇସେନ୍ସ ପ୍ରାପ୍ତଙ୍କ ଦ୍ୱାରା କରାଯିବ ଯାହା ପୂର୍ବରୁ ଉପଲବ୍ଧ ନଥିଲା। କେନ୍ଦ୍ର ସରକାରଙ୍କୁ ମଧ୍ୟ ଏହି ସଂଶୋଧନ ନିୟମ ସୁବିଧା ଦାୟକ ହେବ । ଖଣି ଲିଜ୍ ପ୍ରକ୍ରିୟା ମଧ୍ୟ ସରଳୀକରଣ ହେବାରୁ ଫାଇଦା ମିଳିବ । ଏମଏମଡିଆର ଆକ୍ଟ ସଂଶୋଧନ ଦ୍ୱାରା ଓଡିଶା ଅଧିକ ଲାଭ ପାଇବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଉତର-ପୂର୍ବ ରାଜ୍ୟ ମୋଦି ସରକାରଙ୍କ ପ୍ରାଥମିକତା । ଇନ୍ଦ୍ରଧନୁଷ ଗ୍ୟାସ୍ ଗ୍ରୀଡ ଲିମିଟେଡର ଉତର-ପୂର୍ବ ଗ୍ୟାସ ଗ୍ରୀଡ୍ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି । ପୂର୍ବୋତରର ୮ଟି ରାଜ୍ୟରେ ଗ୍ୟାସ ଗ୍ରିଡ୍ ପ୍ରତିଷ୍ଠା କରାଯିବାର କ୍ୟାବିନେଟରେ ନିଷ୍ପତି ହୋଇଛି । ଏହି ପ୍ରକଳ୍ପ ଅଧୀନରେ ୧୬୫୬ କିମି ଗ୍ୟାସ ଗ୍ରୀଡରେ ୯ ହଜାର ୨୬୫ କୋଟି ଟଙ୍କା ଖର୍ଚ୍ଚ ହେବ । ଦେଶର ୩୦ ପ୍ରତିଶତରୁ ୪୦ ପ୍ରତିଶତ ଗ୍ୟାସ ଉତର ପୂର୍ବାଂଚଳରେ ଉତ୍ପାଦନ ହେବ। ଦେଶର ବ୍ୟବସାୟକୁ ଅଧିକ ସୁଗମ କରିବା ପାଇଁ ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସକୁ ସରକାର ଅଧିକ ପ୍ରାଥମିକତା ଦେଉଛନ୍ତି । କ୍ୟାବିନେଟ୍ ନିଷ୍ପତି ଅନୁଯାୟୀ ଇସ୍ପାତ ଶିଳ୍ପରେ ଭଲ ଅଭିବୃଦ୍ଧି ଘଟିବ । ସେହିପରି ମୋଦି ସରକାରଙ୍କ କ୍ୟବିନେଟ୍ରେ ନିଆଯାଇଥିବା ନିଷ୍ପତି କାରଣରୁ ଆଗାମୀ ଦିନରେ ଦେଶର ଆମଦାନୀ ହ୍ରାସ ପାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ନକଲି ଜର୍ଦ୍ଦା ବିକ୍ରି ଅଭିଯୁକ୍ତ କୋର୍ଟ ଚାଲାଣ

କୋରାଇ, ୮।୧(ପି.ଏନ): ପାଣିକୋଇଲି ପୁଲିସ ନକଲି ଜର୍ଦ୍ଦା ଯୋଗାଣ ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୦୧୯ ନଭେମ୍ବର ମାସରେ ପାଣିକୋଇଲି ଗ୍ରାମରେ ନକଲି ପାନ ମସାଲା(ଜର୍ଦ୍ଦା) ପ୍ରସ୍ତୁତକାରୀ ଘରେ ପୁଲିସ ଚଢାଉ କରି ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ତଦନ୍ତ କରି ଭଦ୍ରକରୁ ନକଲି ଜର୍ଦ୍ଦା ଆଣି ତିଆରି କରିଆସୁଥିଲା । ଏହି ମାମଲାରେ ଭଦ୍ରକ ପୁରୁଣା ବଜାର ବଡ ଶଙ୍କରପୁର ଗ୍ରାମର ସେକ ମହମ୍ମଦ ମେହେମୁଦ ଅଲ୍ଲୀଙ୍କ ପୁଅ ସେକ ମହମ୍ମଦ ଅସରଫ ଅଲ୍ଲୀ(୪୫)କୁ ତଦନ୍ତାଭୁକ୍ତ କରିଥିଲା । ତଦନ୍ତରେ କିନ୍ତୁ ଅସରଫ ସହଯୋଗ କରିନଥିଲା । ଅସରଫଙ୍କୁ ଗିରଫ ପରେ ମାମଲା ୨୨୫/୧୯ ରୁଜୁ କରି ଦଫା ୪୨୪,୨୭୨, ୨୭୩ ଆଇପିସି/ ୨୦(୨) ସିଗାରେଟ ଏଣ୍ଡ ଅଦର ଟବାକୋ ଆକ୍ଟ, ଆର.ଡବ୍ଲ୍ୟୁ ସେକସନ ୧୦୩, ୧୦୪ ଟ୍ରେଡମାର୍କ ଆକ୍ଟରେ ଆଜି କୋର୍ଟ ଚାଲାଣ କରାଯାଇଛି । ତାର ଜାମିନ ନାମଂଜୁର ହେବାରୁ ତାକୁ ରଗଡି ଜେଲ ଯିବାକୁ ପଡିଛି ।

### ବିନା ହେଲମେଟ୍ରେ ବାଇକ୍ ର୍‌ୟାଲି ପାଇଁ ଆଦାୟ ହେବ ଜୋରିମାନା

ଭୁବନେଶ୍ୱର, ୮।୧(ପି.ଏନ): ବିନା ହେଲମେଟ୍ ରେ ବାଇକ୍ ର୍‌ୟାଲି କରିଥିବା ଆନ୍ଦୋଳନକାରୀ ମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ। ବୁଧବାର ଦିନ ଭାରତ ବନ୍ଦ ବେଳେ କିଛି ଯୁବକ ରାଜଧାନୀରେ ବିନା ହେଲମେଟ୍ ରେ ବାଇକ୍ ର୍‌ୟାଲି କରି ଯାଉଥିବାର ଦେଖାଯାଇଥିଲା। ସିସିଟିଭି ଫୁଟେଜ ଆଧାରରେ ସେମାନଙ୍କୁ ଚିହ୍ନ କରାଯାଇ ଚାଲାଣ ପଠାଯିବ ବୋଲି ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି।

## ଆଜିଠାରୁ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ସମେତ ରାଜ୍ୟର ୧୧ଟି ଜିଲ୍ଲାରେ ବର୍ଷା

ଭୁବନେଶ୍ୱର, ୮।୧(ପି.ଏନ): ଆଜିଠାରୁ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ସମେତ ରାଜ୍ୟର ୧୧ଟି ଜିଲ୍ଲାରେ ବର୍ଷା ହେବ। ଅବଶିଷ୍ଟ ଜିଲା ଗୁଡ଼ିକ ହେଲା - ବରଗଡ଼, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେଓଗଡ଼, ଅନୁଗୋଳ, କେଉଁଝର, ମୟୁରଭଂଜ। ଏହାକୁ ଦୃଷ୍ଟିରେ ରଖି ଗୃହହୀନଙ୍କୁ ଆଶ୍ରୟ ଦେବା ପାଇଁ ସ୍କୁଲ କୋଠା ଏବଂ ଆଶ୍ରୟସ୍ଥଳକୁ ରାତିରେ ଖୋଲା ରଖିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଥଣ୍ଡାରୁ ରକ୍ଷା ପାଇଁ ଲୋକମାନଙ୍କୁ ବ୍ୟବସ୍ଥା କରିବାକୁ କୁହାଯାଇଛି । ଅନ୍ୟ ପକ୍ଷରେ ଅମଳ ଧାନକୁ ଘରକୁ ନେଇ ଆସିବା ସହ ମଣ୍ଡି ଓ ମଣ୍ଡି ବାହାରେ ଥିବା ଧାନକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ପରାମର୍ଶ ଦିଆଯାଇଛି । ସମ୍ପୃକ୍ତ ବିଭାଗ ସୂତ୍ରରୁ ପ୍ରକାଶ ଯେ, ୮ ଓ ୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ନୂଆପଡ଼ା, ବରଗଡ଼, ସମ୍ବଲପୁର ଜିଲ୍ଲା ମାନଙ୍କରେ ଘଡ଼ ଘଡ଼ି ସହ ପ୍ରବଳ ବର୍ଷା ହେବ । ଏହି ଜିଲ୍ଲା ଗୁଡ଼ିକୁ ୟେଲ ୱାର୍ଣ୍ଣିଂରେ ରଖାଯାଇଛି । ୯ ଓ ୧୦ ତାରିଖରେ ରାଜ୍ୟର ଆଭ୍ୟନ୍ତରୀଣ ଅଂଚଳର କେତେକ ସ୍ଥାନରେ ଏବଂ ଉପକୂଳ ଅଂଚଳର ଗୋଟିଏ ଦୁଇଟି ଜିଲ୍ଲାରେ ବର୍ଷା ହେବ। କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ସୋନପୁର, ଆନୁଗୋଳ, ଢ଼େଙ୍କାନାଳ, କେଉଁଝର, ମୟୁରଭଂଜ ଜିଲ୍ଲା ଗୁଡ଼ିକରେ ବର୍ଷା ହେବ । ୧୦ ଓ ୧୧ ତାରିଖରେ ରାୟଗଡ଼ା, ଗଜପତି, ଗଂଜାମ, କୋରାପୁଟ, କେଉଁଝର ଓ ମୟୁରଭଂଜର ଗୋଟିଏ ଦୁଇଟି ସ୍ଥାନରେ କମ୍ ବର୍ଷା ହେବ। ପାଗ ଶୁଖିଲା ରହିବ । ଏହି ଦିନ ମାନଙ୍କରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ବଲାଙ୍ଗୀର, ସୋନପୁରରେ ଘନ କୁହୁଡ଼ି ଦେଖା ଦେବ । ସେଗୁଡ଼ିକୁ ୟେଲୋ ୱାର୍ଣ୍ଣିଂରେ ରଖାଯାଇଛି। ୧୧ ତାରିଖରୁ ୧୨ ଯାଏ ରାଜ୍ୟରେ ପାଗ ଶୁଖିଲା ରହିଲେ ମଧ୍ୟ ସୁନ୍ଦରଗଡ଼, କେଉଁଝର, ମୟୁରଭଂଜ, ଅନୁଗୋଳ, ଢ଼େଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲା ମାନଙ୍କରେ ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ଦେଖାଦେବ । ୧୨ ଓ ୧୩ ତାରିଖରେ ମଧ୍ୟ ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଗଂଜାମ, କୋରାପୁଟ ଜିଲ୍ଲାରେ କୁହୁଡ଼ିଆ ପାଗ ରହିବ । ଆସନ୍ତା ୪୮ଘଂଟା ମଧ୍ୟରେ ରାତିରେ ସର୍ବନିମ୍ନ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ ରହିବ । ଆସନ୍ତା ୨୪ ଘଂଟା ମଧ୍ୟରେ ଉପରୋକ୍ତ ୧୧ଟି ଜିଲ୍ଲାରେ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

## ବନ୍ଦରେ ସିପିଆଇ ଓ ଏଆଇଟିୟୁସିର ପିକେଟିଂ : ୨ଶହରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଗିରଫ

ଭୁବନେଶ୍ୱର, ୮।୧(ପି.ଏନ(: ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ ସ୍ୱାଧୀନ ଫେଡ଼େରେସନମାନଙ୍କ ପକ୍ଷରୁ ୧୨ ଦଫା ଦାବି ଉପରେ ଦିଆଯାଇଥିବା ସର୍ବ ଭାରତୀୟ ସାଧାରଣ ଧର୍ମଘଟ ବା ଭାରତ ବନ୍ଦ ଆହ୍ୱାନକୁ ସଫଳ କରିବା ପାଇଁ ଆଜି ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସିପିଆଇ ଓ ଏଆଇଟିୟୁସି ପକ୍ଷରୁ ପିକେଟିଂ କରାଯାଇଥିଲା।ଆଜି ସକାଳ ୬ଟାବେଳେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଡଃ ସୌରୀବନ୍ଧୁ କର, ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜିଲ୍ଲା ସମ୍ପାଦକ ସୁର ଜେନା ଓ ବିଜୟ ଜେନାଙ୍କ ନେତୃତ୍ୱରେ ଶତାଧିକ ସ୍ୱେଚ୍ଛାସେବକ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ରେଳ ଷ୍ଟେସନରେ ପହଂଚିଥିଲେ। ସେଠାରେ କରମଣ୍ଡଳ ଏକ୍ସପ୍ରେସ୍, ପୁରୀ-ରାଉରକେଲା ପାସେଞ୍ଜର, ବିଶାଖା ଏକ୍ସପ୍ରେସ୍ ଓ ରାଜଧାନୀ ଏକ୍ସପ୍ରେସ୍ ସମ୍ମୁଖରେ ରେଳ ଲାଇନ ଉପରେ ବସିରହି ବିକ୍ଷୋଭ ପ୍ରଦର୍ଶନ କରିବା ଫଳରେ ଏହିସବୁ ଟ୍ରେନ୍ ଅଟକି ରହିଥିଲା। ଏହାପରେ ସ୍ୱେଚ୍ଛାସେବକମାନେ ମାଷ୍ଟରକ୍ୟାଂଟିନ ଅଂଚଳରେ ଦୋକାନ ବଜାର ଓ ଯାନବାହନ ଚଳାଚଳକୁ ବନ୍ଦ କରିବା ସଙ୍ଗେ ସଙ୍ଗେ ବାପୁଜୀନଗର, ରାଜମହଲ ଛକ ଓ କଳ୍ପନାଛକ ଅଂଚଳରେ ମଧ ବନ୍ଦ କରିଥିଲେ ଏବଂ ଦିବା ୧୦ ଘଂଟା ସମୟରେ ଷ୍ଟେଟବ୍ୟାଙ୍କର ରିଜିଓନାଲ ଶାଖା ଏବଂ ୧ନମ୍ବର ହାଟକୁ ମଧ ବନ୍ଦ କରାଯାଇଥିଲା। ଚନ୍ଦ୍ରଶେଖରପୁରସ୍ଥ ରେଳକୁଞ୍ଜ ସମ୍ମୁଖରେ ସିପିଆଇ ଜିଲ୍ଲା ସମ୍ପାଦକ ନୃସିଂହ ବେହେରା ଓ ଏଆଇଟିୟୁସିର କୋଷାଧ୍ୟକ୍ଷ ସି.ଭି.ଏନ. ରାଓଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପିକେଟିଂ କରିଥିଲେ। ମଧ୍ୟାହ୍ନ ୧୨ ଘଂଟା ସମୟରେ ସିପିଆଇ ଓ ଏଆଇଟିୟୁସିର ନେତା ଓ କର୍ମୀମାନେ ମାଷ୍ଟରକ୍ୟାଂଟିନ ଛକଠାରେ କଂଗ୍ରେସ, ସିପିଆଇ(ଏମ୍) ଓ ସିପିଆଇ (ଏମ.ଏଲ.) ଲିବରେସନ ସହ ଏକାଠି ହୋଇ ରାଜ୍ୟ ସଚିବାଳୟ ଆଡ଼କୁ ଅଗ୍ରସର ହେବା ସମୟରେ ଲୋୟର ପିଏମଜି ଠାରେ ଉପରୋକ୍ତ ସମସ୍ତ ନେତାଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ସିପିଆଇ କର୍ମୀଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଆଇଏସଏଫର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, କୈଳାସ ପୁହାଣ ପ୍ରମୁଖ ପିକେଟିଂର ନେତୃତ୍ୱ ନେଇଥିଲେ।

### ଶ୍ରୀମନ୍ଦିର ପରିଚାଳନା କମିଟି ଦେଇଥିବା ରିପୋର୍ଟରେ ପୂର୍ଣ୍ଣାଙ୍ଗ ତଥ୍ୟ ନାହିଁ : ସୁପ୍ରିମକୋର୍ଟ

ଭୁବନେଶ୍ୱର, ୮।୧(ପି.ଏନ): ଶ୍ରୀମନ୍ଦିର ପରିଚାଳନା କମିଟି ଦେଇଥିବା ରିପୋର୍ଟରେ ପୂର୍ଣ୍ଣାଙ୍ଗ ତଥ୍ୟ ନ ଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି ଏହା ଉପରେ ଶୁଣାଣୀ କରାଯାଇଥିଲା। ଶ୍ରୀମନ୍ଦିରର ପଥର କ୍ୱାରୀ କେତେ ଅଛି, ସେଗୁଡ଼ିକ କେମିତି ଚାଲିଛି, ମହାପ୍ରଭୁଙ୍କ ଜମି ରାଜ୍ୟ ଭିତିରେ ଓ ରାଜ୍ୟ ବାହାରେ କେତେ ଅଛି, ଖଣି ଖାଦାନ କେତେ ରହିଛି ତାର ସ୍ଥିତି କଣ ଅଛି ଏ ସବୁ ତଥ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇନାହିଁ। ପରିଚାଳନା କମିଟିର ଓକିଲ ଶ୍ୱେତକେତୁ ମିଶ୍ର କହିଛନ୍ତି ଯେ, ଏହି ସବୁ ତଥ୍ୟ ଦେବା ପାଇଁ ଆମେ କୋର୍ଟକୁ ସମୟ ମାଗିଛି । ଆମିକସ ନୋଟ୍ ଆଧାରରେ କମିଟି ରିପୋର୍ଟ ଦେବ। ଦୁଇ ସପ୍ତାହ ମଧ୍ୟରେ ଅତିରିକ୍ତ ଆଫିଡାଭିଟ ମାଧ୍ୟମରେ ଏହି ତଥ୍ୟ ଦିଆଯିବ ।

## ଓଡ଼ିଶାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆନ୍ତର୍ଜାତିକ ମେଳା ୨୦୨୦ ଉଦଘାଟିତ

ଭୁବନେଶ୍ୱର, ୮।୧(ପି.ଏନ): ଆଜିଠାରୁ ଇଡ଼କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଇଂଟରନେସନାଲ ଟ୍ରେଡ଼ ଫେୟାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବା ସହ ଏହି ଫେୟାରର ଲୋଗକୁ ଉନ୍ମୋଚନ କରିଛନ୍ତି । ଏହି ପ୍ରଦର୍ଶନୀ ଦ୍ୱାରା ଓଡ଼ିଶାର ଶିଳ୍ପଦ୍ୟୋଗୀର ଉତ୍ପାଦିତ ପଦାର୍ଥ ଗୁଡ଼ିକୁ ଦେଖିବାର ସୁଯୋଗ ପାଇବେ । ଓଡ଼ିଶାର ଲୋକମାନେ ହସ୍ତତନ୍ତ, ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇନଫରମେସନ ଟେକ୍ନୋଲୋଜି କ୍ଷେତ୍ରରେ ନିପୁଣତା ଓ ଉଦ୍ୟୋଗୀ ମନୋଭାବ ରହିଥିବାର ଖ୍ୟାତି ରହିଛି । ଓଡ଼ିଶାରେ ଗତ କିଛି ବର୍ଷ ହେଲା ଶିଳ୍ପର ବାତାବରଣ ସୃଷ୍ଟି ହୋଇଛି । ସୁବିଧାରେ ଯେପରି ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ ସେଥିନେଇ ଭିତିଭୂମିର ବ୍ୟବସ୍ଥା କରାଯାଇଛି । ଭିତିଭୂମି, ଶିଳ୍ପ ନୀତି କରାଯାଇଛି । ୨୦୧୬ ଏବଂ ୧୮ରେ ଆୟୋଜିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭସ ଦ୍ୱାରା ୫ ଲକ୍ଷ ଟଙ୍କାର ପୁଂଜି ବିନିଯୋଗ ଯୋଗାଡ଼ କରାଯିବା ସହ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁ ସବୁ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ଓଡ଼ିଶାର ପ୍ରତିଭାବାନ ଶିଳ୍ପଦ୍ୟୋଗୀ ମାନଙ୍କୁ ତାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ନିଯୁକ୍ତି ସୃଷ୍ଟି କରିବା ଏବଂ ଆଭ୍ୟନ୍ତରୀଣ ଉତ୍ପାଦ କରିବା କ୍ଷେତ୍ରରେ ଏମଏସଏମଇ ର ପ୍ରମୁଖ ଭୂମିକା ରହିଥିବାରୁ ରାଜ୍ୟ ସରକାର ଏହା ଉପରେ ପ୍ରମୁଖ ଗୁରୁତ୍ୱ ଦେଇଛନ୍ତି । ଏହି ଶିଳ୍ପ ମେଳାରେ ୩୫୦ ଏମଏସଏମଇ ଅଂଶ ଗ୍ରହଣ କରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ । ଏହା ବ୍ୟତୀତ ଇରାନ୍‌ରୁ ଆସିଥିବା ୨୦ ଜଣ ଶିଳ୍ପଦ୍ୟୋଗୀ ଏବଂ ବାଂଲାଦେଶରୁ ଆସିଥିବା ୧୨ ଜଣ ଶିଳ୍ପଦ୍ୟୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ । ରାଜ୍ୟର ପଛୁଆ ଜିଲ୍ଲା କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, ଗଜପତି ଜିଲ୍ଲା ମାନଙ୍କରେ ଥିବା ମହିଳା ମାନଙ୍କୁ ମେଳାକୁ ଅଣାଯାଇ ସେମାନଙ୍କ ଭିତରେ ଶିଳ୍ପ ଆଧୁନିକୀକରଣ ବିଷୟରେ ବୁଝାଇବା ପାଇଁ ସେ ସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇରାନ ଓ ବାଂଲାଦେଶରୁ ଆସିଥିବା ଶିଳ୍ପଦ୍ୟୋଗୀ ମାନଙ୍କୁ ଉତରୀୟ, ତାରକସିର ତିଆରି କୋଣାର୍କ ଚକ୍ରର ସ୍ମାରକୀ ପ୍ରଦାନ କରିଥିଲେ । ଏମଏସଏମଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗ ଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ରାଜନୈତିକ ସ୍ଥିରତା ଯୋଗୁଁ ଆଜି ଓଡ଼ିଶାରେ ଶିଳ୍ପର ବାତାବରଣ ସୃଷ୍ଟି ହେବା ସହ ଅଭିବୃଦ୍ଧି ଘଟିଛି । ୨୦୦୦ ମସିହାରେ ଶିଳ୍ପ ପାଇଁ ୧୫ ହଜାର କୋଟି ଟଙ୍କା ବଜେଟରେ ଥିଲା ବେଳେ ଏବେ ଏହା ବୃଦ୍ଧି ପାଇଁ ୧ ଲକ୍ଷ ୩୮ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ସମସ୍ୟା ଘେରରେ ଉବୁଟୁବୁ ଜଟଣୀ, ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବେ ବିଶିଷ୍ଟ ବ୍ୟକ୍ତି

ଜଟଣୀ, ୮।୧(ପି.ଏନ): ରାଜଧାନୀ ଭୂବନେଶ୍ୱର ଉପକଣ୍ଠରେ ଥିବା ଜଟଣୀ ସହର ଏବେ ନିଜର ପରିଚୟ ହରାଇବାକୁ ବସିଛି । ଜଟଣୀ ବ୍ଲକର ୧୫ ପଚଂାୟତ ଓ ପୌରପରିଷଦର ୨୩ ଗୋଟି ୱାର୍ଡକୁ ନେଇ ଜଟଣୀର ଭୌଗଳିକ ଭିତିଭୂମି ଅର୍ନ୍ତନିହିତ ଅଟେ । ମାତ୍ର ଜଟଣୀର ଅବହେଳା ଏବେ ଚରମ ସୀମାରେ ପହଁଚିଲାଣି । ରାଜନୈତିକ ନେତା ଓ ସ୍ଥାନିୟ ଲୋକପ୍ରତିନିଧିମାନଙ୍କ ଦୁର୍ବଳ ମନୋଭାବ ଯୋଗୁଁ ଏହା ସମ୍ଭବ ହୋଇପାରୁନଥିବା ଆଲୋଚନା ହେଉଛି । ଏନେଇ ସ୍ଥାନିୟ ପୋଷ୍ଟଅଫିସ ଛକଠାରେ ଅପରାହ୍ନ ୩ ଘଟିଂକା ସମୟରେ ଏକ ସଭାଗୃହରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ କ୍ରିଡାବିତ ହେମନ୍ତ ସୁନ୍ଦରାୟଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଜଟଣୀର ସମସ୍ତ ସମସ୍ୟାପ୍ରତି ଅତିତରେ ହୋଇଥିବା ଅଭିଯୋଗଗୁଡିକର ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିଲା ନାହିଁ । ତେଣୁ ବାଧ ହୋଇ ଏ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବାର ସିଧାନ୍ତ ଉକ୍ତ ବୈଠକରେ ନିଆଗଲା । ଜଟଣୀର ଦୁଃଖ କୁହାଯାଉଥିବା ବହୁ ପ୍ରତିକ୍ଷୀତ ଫ୍ଲାଏ ଓଭରବ୍ରିଜ ନିର୍ମାଣରେ ଅବହେଳା ପ୍ରତି ଦୃଷ୍ଟିଦେଇ ବ୍ରିଜର ଉଭୟପାର୍ଶ୍ୱର କାର୍ଯ୍ୟ ତ୍ୱରାନିତ କରାଯାଉ । ଏଥି ସହିତ ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟୀପ୍ରତିଷ୍ଠାନ ଗୁଡିକର ସ୍ଥାୟୀ ଥଇଥାନ କରାଯାଉ । ମୋବସ୍ ଜଟଣୀ ହରିଭାଇନା ଛକଠାରୁ ତଳଖେତା ଛକ ପର୍ଯ୍ୟନ୍ତ ଚଳାଚଳ କରାଯାଉ । ଏଥି ବ୍ୟତିତ ସରକାରୀ ବସ ସେବା ପାଇଁ ସ୍ଥାନୀୟ ତରାବୋଇ, ତିରିମଲ, ବେଣାପଜଂରୀ, ବାଛରାପାଟଣା, ଅରଗୁଲ ଓ ଥାନାଛକ ଦେଇ ଭୁବନେଶ୍ୱରକୁ ଯାତାୟତ ପାଇଁ ଦାବି ହୋଇଥିଲା । ସେହିପରି ରାସ୍ତାଘାଟ ବ୍ୟବସ୍ଥାରେ ମ୍ୟୁନିସିପାଲଟି ଛକଠାରୁ ମ୍ୟୁନିସିପାଲଟି କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ୨ ଲାଇନ ପାଇଁ ୨୦୧୫/ ୧୬ରେ ହୋଇଥିବା ରେଜ୍ୟୁଲେସନ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ । ରାସ୍ତାପ୍ରଶସ୍ତିକରଣ ସ୍ଥାନିୟ ହରିଭାଇନା ଛକଠାରୁ ତଳଖେତା ଛକ ପର୍ଯ୍ୟନ୍ତ ୪ ଲାଇନ ପାଇଁ ପ୍ରସ୍ତାବିତ, ହରିଭାଇନା ଛକଠାରୁ ଭଗବତି ସଅମିଲ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ସହିତ ମ୍ୟୁନିସିପାଲିଟି ଅନ୍ତର୍ଗତ ସମସ୍ତ ରାସ୍ତାଘାଟ ଆଧୁନିକରଣ କରାଯାଉ । ମ୍ୟୁନିସିପାଲିଟି ପକ୍ଷରୁ ନିର୍ମିତ ସୁଲଭ ଶୌଚାଳୟ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ସହିତ ଆବଶ୍ୟକ ୱାର୍ଡରେ ଶୌଚାଳୟ ଖୋଲାଯାଉ ।ମ୍ୟୁନିସିପାଲିଟି ଅଧିନରେଥିବା ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଗୁଡିକୁ ନିଜସ୍ୱ ନାମରେ ନାମିତ କରାଯାଉ। ପ୍ରତ୍ୟକ ୱାର୍ଡରେ କମ୍ୟୁନିଟି ହଲ ଖୋଲାଯାଉ । ଜଟଣୀରେ ଲାଇବ୍ରେରୀର ଆବଶ୍ୟକତାକୁ ପୁରଣ କରାଯାଉ । ଜଟଣୀର ମୂଖ୍ୟ ରାସ୍ତାଗୁଡିକରେ ସିସିଟିଭି ଲଗାଯାଉ । ଜଟଣୀରେ ଟ୍ରାଫିକ ବ୍ୟବସ୍ଥା ଯଥା ଶିଘ୍ର ପୁରଣ କରାଯାଉ । ମୂଖ୍ୟ ରାସ୍ତାର ପଦନପୁର ଠାରୁ କୁଦିଆରୀ ପର୍ଯ୍ୟନ୍ତ ଅଚଳ ଷ୍ଟୀଟଲାଇଟକୁ ମରାମତି କରିବା ସହିତ ନୂତନ ଷ୍ଟ୍ରିଟ ଲାଇଟ ଲଗାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ପାର୍କ ଗୁଡିକର ଆଧୁନିକରଣ ସହିତ ନୂତନଭାବେ ଉନ୍ନତମାନର ପାର୍କ ନିର୍ମାଣ କରାଯାଉ । କ୍ରୀଡାପ୍ରେମୀଙ୍କ ପାଇଁ ଖେଳପଡିଆର ବ୍ୟବସ୍ଥା କରାଯାଉ । ରେଳବିଭାଗ ଖୋର୍ଦ୍ଧାରୋଡ ଷ୍ଟେସନ ସମୁଖରେ ସୁଲଭ ଶୌଚାଳୟ ଖୋଲାଯାଉ । ରେଳଅଂଚଳରେ ପାନୀୟଜଳ ଅପଚୟକୁ ରୋକାଯାଉ । ଜଟଣୀ ତଳଖେତା ରାସ୍ତାର ୧୬ ନଂ ଜାତୀୟ ରାଜପଥରେ ଫ୍ଲାଏଓଭର ବ୍ରିଜର ନିର୍ମାଣ ତୁରନ୍ତ କରାଯାଉ । ଜଟଣୀ ଅଂଚଳରେ ଜମି ଗୁଡିକର ମାଲିକାନା ଶ୍ରୀ ଜଗନ୍ନାଥ ବିଜେ ପୁରୀଙ୍କ ନାମରେ ହୋଇଥିବା ବେଳେ ଏହାକୁ ପ୍ରଜାମାନଙ୍କ ନାମରେ ନାମକରଣ କରାଯାଉ । ଜଟଣୀଥାନାର ନିଜସ୍ୱ ଜମି ମଧ୍ୟରେ ଆଧୁନିକରଣ ହେଉ । ମହିଳା ଡେକ୍ସ କାର୍ଯ୍ୟକାରୀ କରାଯାଉ । ଆଗନ୍ତୁକମାନଙ୍କ ପାଇଁ ପ୍ରତିକ୍ଷାଳୟ ଖୋଲାଯାଉ । ହସ୍ପିଟାଲରେ ଆମ୍ବୁଲାନ୍ସ ସେବା ଯୋଗାଇଦିଆଯାଉ ଏବଂ ଏହାର ଆଧୁନିକରଣ ସହିତ ହସ୍ପିଟାଲିକରଣ ମଧ କରାଯାଇ ରୋଗୀମାନଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ପ୍ରସ୍ତାବିତ ହୋଇଛି । ନିୟନ୍ତ୍ରୀତ ବଜାର କମିଟି ପକ୍ଷରୁ ଖାଉଟିମାନଙ୍କୁ ସୁଲଭ ଦରରେ ପନିପରିବା ଯୋଗାଇଦେବା ସହିତ କୃଷି ଓ କୃଷକମାନଙ୍କ ପାଇଁ ବ୍ୟବସ୍ଥା କରାଯାଉ । ଯୋଗାଣ ବିଭାଗ ପକ୍ଷରୁ ଖାଉଟି ମାନଙ୍କୁ ଦରସଚେତନ ପାଇଁ ସମସ୍ତ ଦୋକାନରେ ଦରତାଲିକା ଲଗାଇବାକୁ ବ୍ୟବସ୍ଥା କରାଯାଉ ବୋଲି ଉକ୍ତ ବୈଠକରେ ପ୍ରସ୍ତାବିତ କରାଯାଇଥିଲା । ଜଟଣୀ ଅଂଚଳର ଏହି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ରାଜ୍ୟପାଳ, ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ଲିଖିତ ଦାବିପତ୍ର ମାଧ୍ୟମରେ ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଆଜିର ଏହି ବୈଠକରେ କ୍ରିଡାବିତ ତଥା ସମାଜସେବୀ ହେମନ୍ତ କୁମାର ସୁନ୍ଦରାୟ, ବରିଷ୍ଠ ଅଧିବକ୍ତା ଉମାଶଙ୍କର ମିଶ୍ର, ସଜିଂତ ଦାସ, ସାମ୍ବାଦିକ ରଙ୍ଗନାଥ ବେହେରା, ସମାଜସେବୀ ଅଶୋକ ଜେନା, ଅଶୋକ ଚକ୍ରବର୍ତି, କୃଷ୍ଣ ମୋହନ ରାଉତରାୟ, ସୁବେଦାର ମେଜର ସୁରେଶ କୁମାର ଛୋଟରାୟ, ସୁଧାସଂୁ ଦାସ, ନଗେନ ପଟ୍ଟନାୟକ, ଅବସରପ୍ରାପ୍ତ କର୍ମଚାରୀ ରବି ଦାସ , ଭିକ୍ଷାକାରୀ ସାହୁଙ୍କ ସହିତ ବହୁ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇଥିଲେ ।

## କଂଗ୍ରେସର ସହଯୋଗରେ ଧର୍ମଘଟ ସଫଳ : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, ୮।୧(ପି.ଏନ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କର ମିଳିତ ମଂଚର ସାଧାରଣ ଧର୍ମଘଟକୁ ଓଡ଼ିଶା ପ୍ରଦେଶ କଂଗ୍ରେସର ଦୃଢ଼ ସମର୍ଥନ ଓ ପ୍ରତ୍ୟକ୍ଷ ସହଯୋଗ ଫଳରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍, ଜିଲ୍ଲା, ଗ୍ରାମପଂଚାୟତସ୍ତରରେ ସଫଳ ହୋଇଛି ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ହଜାର ହଜାର କଂଗ୍ରେସ ନେତୃମଣ୍ଡଳୀ, କର୍ମୀ, ଛାତ୍ର, ଯୁବ, ମହିଳା, ଶ୍ରମିକ ଓ କୃଷକ ସର୍ବଭାରତୀୟ ବନ୍ଦ ପାଳନକୁ ଦୃଢ଼ ସମର୍ଥନ କରିବା ସହ କେନ୍ଦ୍ରନେତୃତ୍ୱ ମୋଦୀ ସରକାରଙ୍କ ଜନମାରଣ ନୀତିର ପର୍ଦ୍ଦାଫାସ କରାଯାଇଥିଲା। ଭୁବନେଶ୍ୱର ଠାରେ ପ୍ରାତଃ ୬ଘଟିକା ଠାରୁ ବିଭିନ୍ନ ସ୍ଲୋଗାନ, ପ୍ଲାକାର୍ଡ, ପତାକା ଓ ବ୍ୟାନର ଧରି ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ମାଷ୍ଟର କ୍ୟାଟିନ୍, ସି.ଆର.ପି. ଛକ, ଜୟଦେବ ବିହାର ଛକ, ଏୟାରପୋର୍ଟ, ବାଣୀବିହାର, କଳ୍ପନା ଛକଠାରେ ଧର୍ମଘଟରେ ଯୋଗଦେଇଥିଲେ। ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଦେବାଶିଷ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକଙ୍କ ସହ ଶତାଧିକ ଯୁବ, ଛାତ୍ର, ମହିଳା ଧର୍ମଘଟରେ ଶାନ୍ତିଶୃଙ୍ଖଳାର ସହ ସାମିଲ ହୋଇଥିଲେ ଓ ରାଜ୍ୟ ବିଜେଡ଼ିର ଦୋମୁହାଁ ନିତୀକୁ ସମାଲୋଚନା କରିଥିଲେ। ବନ୍ଦକୁ ରାଜ୍ୟବାସୀ ଅକୁଣ୍ଠ ଚିତରେ ସମର୍ଥନ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଥିଲେ।








# ଟି ଟାଇମ୍

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଶ୍ୱୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୬କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କାଞ୍ଚନମାଳୀ : ଗୃହିଣୀ ହୋଇ ମଧ୍ୟ ସାଧ୍ୱୀ



ପୁରୀ ଜିଲ୍ଲାର ବାଲିପାଟଣା ପାଖ ବିଶ୍ୱନାଥପୁର ଗାଁ। ରାମଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରଥମ ସନ୍ତାନ ଅତି ଅଲିଅଳ ସରଳ ଗ୍ରାମ୍ୟ ବାଳିକାଟିଏ। ବାପ ତା'ର ଜଗନ୍ନାଥଙ୍କ ଭକ୍ତ। ବର୍ଷକର ନଅ ମାସ ରହନ୍ତି ପୁରୀରେ ତିନି ମାସ ଆସନ୍ତି ଗାଁକୁ ବିଲବାଡ଼ି ଧାନବୁଣା ସମୟରେ। ଘରକୁ ଆସିଲା ବେଳେ ମଧ୍ୟ ପୁରୀ କଥା, ଜଗନ୍ନାଥଙ୍କ କଥା, କ'ଣ କ'ଣ ହେଲା ? କିପରି ହେଲା, କି କରୁଣା, ଚନ୍ଦନ ଯାତ ବେଳେ ଯାହା ଘଟିଲା, ମଦନ ମୋହନଙ୍କ ପାଲିଙ୍କି କାନ୍ଧେଇଲା ବେଳେ ଯାହା ଲାଗିଲା, ରଥଯାତ୍ରାର ଅନୁଭୂତି, ରଥ ଉପରେ ସୁନାବେଶ, ଦୋଳଯାତ କଥା, କାର୍ତ୍ତିକ ପୂନେଇରେ ରାଜରାଜେଶ୍ୱର ବେଶ, ସୁନାର ଗୌରାଙ୍ଗଙ୍କ କଥା, ଚକ୍ରତୀର୍ଥ, ବାଟମଙ୍ଗଳା, ଇନ୍ଦ୍ରଦ୍ୟୁମ୍ନ ପୋଖରୀ, ଶ୍ୱେତଗଙ୍ଗା, ନରେନ୍ଦ୍ର ପୋଖରୀ, ମାର୍କଣ୍ଡେଶ୍ୱର ତୀର୍ଥ, ଶଙ୍ଖନାଭି ମଣ୍ଡଳ ତା'ର ମହତ୍ତ୍ୱ, ତୋଟା ଗୋପୀନାଥ କି ସୁନ୍ଦର, ଶ୍ୟାମାକାଳୀ ଠାକୁରାଣୀ, ଦରିଆ ମହାବୀର, ସିଦ୍ଧମହାବୀର, ସିଦ୍ଧବକୁଳ ମଠ ପ୍ରଭୃତି ଶୁଣି ଶୁଣି ଅନୁଢ଼ା ବାଳିକା ମନରେ ପୁରୀ ଓ ତାହାର ଠାକୁର ଠାକୁରାଣୀ ମାନଙ୍କ କଥା ଅଲିଭା ଅକ୍ଷରରେ ଛାପି ହୋଇଯାଏ। ପିଲାବେଳର ଛାପ ତ ସହଜରେ ଯାଏନାହିଁ, ପରେ ପରେ ବାପା-ମାଆ ତାଙ୍କ ଦାୟିତ୍ୱ ତୁଲାଇବା ପାଇଁ ଯୋଗ୍ୟ ପାତ୍ର ଦେଖି ଝିଅଟିକୁ ପର ଗୋତ୍ରୀ କରିଦିଅନ୍ତି। ଶାଶୁଘରେ ବୋହୂ ପଣିଆ ସହିତ କୁଳଧର୍ମ, କୁଳ ଦିଅଁଦେବତାଙ୍କ ପୂଜାଆରାଧାନା ଇତ୍ୟାଦି ଭିତରେ ସଂସାର ଗଢ଼ିଚାଲେ। ଶ୍ୱଶୁରଙ୍କ ନିଜସ୍ୱ ମନ୍ଦିର (ମଦନ ମୋହନ)ର ଯାବତୀୟ କାମ ମଧ୍ୟରେ ଜଗନ୍ନାଥ ପାଗଳାମୀ କିଛି ପରିମାଣରେ ତୃପ୍ତ ହୋଇଯାଏ ସିନା ଅତୃପ୍ତ ବାସନା ସୁଯୋଗ ପାଇଲେ ପୁରୀ ଘେନି ଯାଏ ତାକୁ ଘର ସଂସାରକୁ ସାଙ୍ଗରେ ନେଇ। କର୍ତ୍ତବ୍ୟ ପରାୟଣ ସ୍ୱାମୀଙ୍କ ସହଗାମିନୀ ଓ ସହଧର୍ମିଣୀ ଭାବେ ତେଲ, ଲୁଣ ସଂସାର, ଭାବ-ଅଭାବକୁ ନେଇ ନିମିତ୍ୟ ଓ ମାଙ୍ଗଳିକ କାମକୁ ତୁଲାଇ ନିଜ ପିଲାଙ୍କ ବ୍ରତବିବାହ ଆଦି କର୍ମ ଭିତରେ ବୁଡ଼ିରହି ସାଂସାରିକ ଅଶାନ୍ତି ଭିତରୁ ଶାନ୍ତି ସାଉଁଣ୍ଟି ସାଉଣ୍ଟି ଅସୁସ୍ଥ ହୋଇପଡ଼େ ମାଆଟି। ଆବଶ୍ୟକ ଚିକିତ୍ସା ପରେ ଡାକ୍ତରମାନେ ପରାମର୍ଶ ଦିଅନ୍ତି ରୋଗୀକୁ ତୀର୍ଥ ଭ୍ରମଣ କରାଇବାକୁ। ବାଧ୍ୟ ହୋଇ ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର ପୁରୀକୁ ନିଆଯାଏ ତାକୁ କହିବା ବାହୁଲ୍ୟ ସେଠାରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରେ। ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ନ ଘଟାଇବା ପାଇଁ କଟକରେ ଖଣ୍ଡେ ଛୋଟ ଘରକରି ରହିଯାଏ ମାଆଟି ପିଲାଙ୍କ ତତ୍ତ୍ୱାବଧାନ କରିବା ପାଇଁ। ବାପା ଓ ମାଆ ଦୁହିଁଙ୍କ ଦାୟିତ୍ୱ ତୁଲାଉ ତୁଲାଉ ପୁନର୍ବାର ଅସୁସ୍ଥ ହୁଏ ମାଆଟି ହାଡ଼ଫୁଟିରେ ଯାହାର ଚିକିତ୍ସା ସେତେବେଳେ ନଥାଏ। ଘର ପାଖରେ ଥିବା ଏକ ରାଧାମାଧବ ମନ୍ଦିରର ପୂଜକଙ୍କ ପରାମର୍ଶ ଅନୁସାରେ ଠାକୁରଙ୍କର ପୁରାତନ ରୋଷେଇ ଘରକୁ ମାଆକୁ ସ୍ଥାନାନ୍ତର କରାଯାଏ ପିଲାମାନଙ୍କୁ ସେ ଡିଆଁ ରୋଗରୁ ବଞ୍ଚାଇବା ପାଇଁ। ଦିନକର କଥା ରାତିରେ ରାଧାକୃଷ୍ଣ ଆବିର୍ଭାବ ହୁଅନ୍ତି ମାଆଙ୍କ ନିକଟରେ ଏବଂ ଆଶ୍ୱାସନାପୂର୍ଣ୍ଣ କଣ୍ଠରେ କୁହନ୍ତି, ''ତତେ ବହୁତ କଷ୍ଟ ହେଉଛି, ତତେ ଘରୁ ବାହାରକୁ କାଢ଼ି ଦେଇଛନ୍ତି ହଉ ବ୍ୟସ୍ତ ହଅନା, ତୁ ତ' ବର୍ତ୍ତମାନ ଆମ ଦାୟିତ୍ୱରେ ଅଛୁ ଆଉ ତୋର ଚିନ୍ତା କ'ଣ ? ଆମେ ଏମିତି ଆସୁଥିବୁ ଯାହା ଶିଖାଉଛୁ ବୋଲୁଥିବୁ ତୋ ଦେହ ପୁରା ଭଲ ହୋଇଯିବ।'' ଏହା କହି ଜୟଦେବଙ୍କ ଦଶାବତାର ପଦ୍ୟମାନ ଗୋଟିକ ପରେ ଗୋଟିଏ ରାତିକ ପରେ ରାତିରେ ଶିଖାଇଦେଲେ। ସେ ଦଶ ଏଗାରଦିନ ପରେ ମାଆର ଦେହ ପୁରା ଭଲ ହୋଇଯାଏ। ମାଆ ଦଶାବତାର ପଦ୍ୟଗୁଡ଼ିକୁ ପିଲାଙ୍କୁ ଶିଖାଇ ଦିଏ ଏବଂ ପ୍ରତି ସନ୍ଧ୍ୟାରେ ପିଲାଙ୍କ ଦ୍ୱାରା ବୋଲାଇ ଘରର ସନ୍ଧ୍ୟା ଭଜନ କରାଇନିଏ। ଗୋଟିଏ ବିଶୁଦ୍ଧ ହୃଦୟ ମାଆ ଯୋଗୁଁ ପିଲାମାନେ ମଧ୍ୟ ଭଗବତ କୃପା ପାଇବାର ବାଟ ପାଇଯାଆନ୍ତି। ପରିବାର ସାରା ସେହି ରାଧାମାଧବ ମନ୍ଦିରର ପର୍ବପର୍ବାଣୀରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ପିଲାଙ୍କ ପାଠପଢ଼ା, ବିବାହ ଆଦି ମାଙ୍ଗଳିକ କର୍ମ ଗୋଟିକ ପରେ ଗୋଟିଏ ହୋଇଯାଉଥାଏ, ଗାଁର ମଦନମୋହନ ଓ ପୁରୀ ଜଗନ୍ନାଥଙ୍କ କୃପାରୁ। ସାନପୁଅ ଦିନେ ଘରକୁ ସାଇବାବାଙ୍କର ଗୋଟିଏ ଫଟୋ ଓ ପୂଜା ବହି ଆଣି ପୂଜା ଭଜନ ଆରମ୍ଭ କଲା। କିଛିଦିନ ପରେ ସତ୍ୟସାଇ ବାବା ସ୍ୱପ୍ନରେ ଆସି ମାଆଟିକୁ କହିଲେ 'ତୋ ପୁଅ ଯେଉଁ ପୂଜା କରୁଛି ମୁଁ ସେ ପୂଜା ପାଉନାହିଁ' କ'ଣ କଲେ ସେ ପୂଜା ପାଇବେ ତାହା ମଧ୍ୟ ବତାଇ ଦେଲେ। ସକାଳୁ ମାଆ ପୁଅକୁ ଏ ବିଷୟରେ କହନ୍ତେ ମାଆପୁଅ ମିଶି ବାବାଙ୍କ ନିର୍ଦ୍ଦେଶ ପାଳନ କରାଇବାରେ ଲାଗିପଡ଼ନ୍ତି। କିଛି ଦିନ ଅନ୍ତେ ଦେଖାଗଲା ପୂଜା କରୁଥିବା ପୁଅ ଅପେକ୍ଷା ତା ମାଆ ଅଧିକ ସାଇକୃପା ଲାଭ କଲାଣି। ଏପରି ଦିନ ଆସିଲା ଯେତେବେଳେ ଲୋକ ଜାଣିଲେ ଏମାନଙ୍କ ସମ୍ପର୍କ ମାଆପୁଅର ସମ୍ପର୍କ। ବୋଧହୁଏ ମାଆଟି ବାତ୍ସଲ୍ୟ ଭାବ ସହ ତାଙ୍କୁ ଗ୍ରହଣ କରିଯାଇଥିଲା ବୟସ ଦୃଷ୍ଟିରୁ। ମାଆଟିର ଜୀବନ ପରିପୂର୍ଣ୍ଣ ହୋଇଯାଏ ସାଇଙ୍କ ସାନ୍ନିଧ୍ୟରେ। ଯେଉଁ ବ୍ୟାକୁଳତା ସୃଷ୍ଟି ହୋଇଥିଲା ବାଲ୍ୟକାଳେ ଜଗନ୍ନାଥଙ୍କ ପାଇଁ ତାହାର ଫଳସ୍ୱରୂପ ସାଇନାଥ ପୂରଣ କରୁଛନ୍ତି ମାଆର ଅନ୍ତରକୁ ତାଙ୍କ ଦିବ୍ୟ ସଂସର୍ଗ ଦେଇ। ମାଟି ବଂଶ ଅବଧାନଙ୍କ ପାଖରେ ଅକ୍ଷର ଶିଖିଥିବା ମାଆର ସରଳ ହୃଦୟରେ ଛାପି ହୋଇଯାଏ ସାଇନାଥଙ୍କ ଅଲିଭା ପ୍ରଭାବ। ମର୍ତ୍ତ୍ୟ ହୋଇଯାଏ ବୈକୁଣ୍ଠ। ପରିବାର ହୋଇଯାଏ କୈଳାସ। ଶତ୍ରୁତା କରୁଥିବା ବ୍ୟକ୍ତି ପାଲଟି ଯାଏ ବିନମ୍ର ବନ୍ଧୁ। ବନ୍ଧୁ ବାନ୍ଧବ ପାଲଟିଯାଆନ୍ତି ଆଧ୍ୟାତ୍ମିକ ଅନୁସନ୍ଧିତ୍ସୁ। କଥାବାର୍ତ୍ତା, ଚିଠିପତ୍ର, ପର୍ବପର୍ବାଣୀଗୁଡ଼ିକର କେନ୍ଦ୍ରବିନ୍ଦୁ ସାଇ। ଘରେ ବସାନ୍ତି ଭଜନକେନ୍ଦ୍ର, ବାଳବିକାଶ କେନ୍ଦ୍ର, ନାରାୟଣ ସେବା କେନ୍ଦ୍ର। ସତ୍ୟସାଇଙ୍କ ବାଣୀକୁ କର୍ମରୂପ ଦେବା ଓ ତାହା ଯେ କେତେ ମହତ୍ତ୍ୱପୂର୍ଣ୍ଣ ଏହା ସ୍ମରଣ କରୁ କରୁ ନେତ୍ର ବିସ୍ଫାରିତ ହୋଇପଡ଼େ। ଚକ୍ଷୁରୁ ବୋହି ଆସେ ବାଷ୍ପବାରି। ମନେ ମନେ ଗୁଣି ହେଉଥାଆନ୍ତି ମୁଁ ତ କେବେ ମନ୍ତ୍ରଗାନ କରିନାହିଁ, ମୋର ବି ସେ ଶିକ୍ଷାଦୀକ୍ଷା ନାହିଁ, ମୁଁ ତ କେବେ ଜପଧ୍ୟାନ କରିବାକୁ ଅବସର ପାଇନାହିଁ, କ'ଣ ପାଇଁ ମୋତେ ଏତେ କୃପା ? ଆମେ ଭାବୁ ସେ ତ ଭାବକୁ ନିକଟ। ମାଆର ବୟସର ଲୋକେ କ'ଣ ବା ସାଧି ପାରନ୍ତେ। କେବଳ ଭାବକୁ ଚିହ୍ନି ଭାବଗ୍ରାହୀ ଦେଇଛନ୍ତି ବାଛି ବାଛି ଫଳ। ଠାକୁରମାନେ ତ ଭିନ୍ନ ଭିନ୍ନ ନୁହଁନ୍ତି ଯାହାପ୍ରତି ଭାବ ଲଗାଇଲେ ମଧ୍ୟ ଯଥେଷ୍ଟ। ସବୁ ପୁରାଣ ତତ୍ତ୍ୱକୁ ତଥା ତଥ୍ୟକୁ ସାକାର କରିଦେଲେ ସତ୍ୟସାଇ ବାବା ଭାବପୂର୍ଣ୍ଣ ହୃଦୟ ବିଶିଷ୍ଟ ମାଆ କାଞ୍ଚନମାଳୀଙ୍କ ପାଇଁ।

**ଶ୍ରୀମତୀ ପ୍ରିୟଲତା ମିଶ୍ର,**
**ପ୍ରଫେସରପଡ଼ା, କଟକ, ଦୂରଭାଷ: ୯୪୩୯୨୬୨୧୧୬**

## ଅହିଂସାକୁ ବିଶ୍ୱଦରବାରରେ ସବୁଠାରୁ ଶକ୍ତିଶାଳୀ ବାର୍ତ୍ତା ପହଞ୍ଚାଇବାକୁ ଓଡ଼ିଶାର ସାଇରାମ ଗାନ୍ଧୀଙ୍କ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ଅହିଂସା ବିଶ୍ୱକୁ ଭାରତର ସବୁଠାରୁ ଶକ୍ତିଶାଳୀ ବାର୍ତ୍ତା, ଅହିଂସା ହିଁ ଆମ ସ୍ୱାଧୀନତା ସଂଗ୍ରାମକୁ ବିଶ୍ୱର ସବୁ ସଂଗ୍ରାମଠାରୁ ନିଆରା କରିଛି। ରାଷ୍ଟ୍ରପତି ଭବନରେ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ଗଠିତ ଜାତୀୟ କମିଟିର ଦ୍ୱିତୀୟ ବୈଠକରେ 'ଅହିଂସା'କୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବାକୁ ସାଇରାମ ଗାନ୍ଧୀ ଦାବି କରିଛନ୍ତି। ଅହିଂସା ହିଁ ଶାନ୍ତି, ବିକାଶ ଓ ସାମ୍ୟତାର ମାର୍ଗ। ଯୁବ ସମାଜ ମଧ୍ୟରେ ଅହିଂସା ଆଦର୍ଶର ବିକାଶ ଆମର ମହାନ୍ ସଂଗ୍ରାମ ଏବଂ ମହାତ୍ମାଙ୍କୁ ଯୁଗ ଯୁଗ ପ୍ରେରଣାର ଉତ୍ସ କରି ରଖିବ। ବିକାଶ ପାଇଁ ଯୁବପିଢ଼ୀ ଗାନ୍ଧିଜୀଙ୍କ ଅହିଂସା ମାର୍ଗ ଆପଣାଇବାକୁ ସାଇରାମ ଗାନ୍ଧୀ ଆହ୍ୱାନ ଦେଇଛନ୍ତି।

## ନନ୍ଦିପଦା ଥାନାରେ ଦୁଇ ଅଧିକାରୀଙ୍କ ଯୋଗଦାନ

କେନ୍ଦୁଝର (ପିଏନ୍): ହାଟଡ଼ିହି ବ୍ଲକର ନନ୍ଦିପଦା ଥାନାର ଜଣେ ଏସଆଇ ଓ ଅନ୍ୟ ଜଣେ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ରଞ୍ଜିତ କୁମାର ପଟ୍ଟନାୟକ ଯୋଡ଼ା ଥାନାରୁ ବଦଳି ହୋଇ ନନ୍ଦିପଦା ଥାନାରେ ଏସଆଇ ଭାବେ ଯୋଗଦାନ କରିଛନ୍ତି । ସେହିପରି ବାମ୍ଭାରି ଥାନାରୁ ପରେଶ କୁମାର ମହାନ୍ତି ବଦଳି ହୋଇ ଏହି ନନ୍ଦିପଦା ଥାନାରେ ଓଆଇସି ଚାର୍ଜରେ ଯୋଗଦାନ କରିଛନ୍ତି । ଏହାକୁ ନେଇ ସାଧାରଣ ଲୋକଙ୍କ ମନରେ ଆଶା ପ୍ରକଟ ହୋଇଛି । ସେମାନେ ଥାନାକୁ ଆସି ନ୍ୟାୟ ପାଉନଥିବାରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ତା'ଛଡ଼ା ଦୁର୍ବୃତମାନଙ୍କର ଲୁଟ, ଚୋରି ବୃଦ୍ଧି ପାଇଥିଲା । ଦୁଇ ଅଧିକାରୀ ଯୋଗଦାନ କରିବା ପରେ ଥାନାଟି ଚଳଚଂଚଳ ହୋଇପଡ଼ିବା ସହ ବିଭିନ୍ନ ସ୍ଥାନକୁ ଯାଇ ଖୁବ୍‌ଶୀଘ୍ର ତଦନ୍ତ ଆରମ୍ଭ କରୁଛନ୍ତି ଏବଂ ବେଆଇନ ଭାବେ ମଦ ବିକୁଥିବା ସ୍ଥାନକୁ ଚଢ଼ାଉ ଆରମ୍ଭ କରିଛନ୍ତି । ଯାହାଫଳରେ ସାଧାରଣ ଲୋକଙ୍କ ମନରେ ଆଶା ପ୍ରକଟ ହୋଇଛି ।

# ହିଂସାର ଦାବାନଳରେ ମହିଳା



ଭୁବନେଶ୍ୱର (ପିଏନ୍): ସମ୍ପ୍ରତି ବିଶ୍ୱରେ ନାରୀ ନିର୍ଯାତନା ଘଟଣା ବଢ଼ିବାରେ ଲାଗିଛି। ଆମ ଦେଶ ସମେତ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକରେ ମହିଳାମାନେ ଯୌନ ଉତ୍ପୀଡ଼ନ, ଶୋଷଣ, ଘରୋଇ ହିଂସାର ଶିକାର ହେଉଛନ୍ତି। ଏଭଳି ପରିସ୍ଥିତିରେ ନାରୀ ସୁରକ୍ଷା ପାଇଁ ସାମାଜିକ ଆନ୍ଦୋଳନର ଆବଶ୍ୟକତା ଦେଖାଦେଇଛି। ପ୍ରତିବର୍ଷ ବିଶ୍ୱବ୍ୟାପୀ ମହିଳାଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା ରୋକିବା ଲାଗି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ପାଳନକୁ ମିଳିତ ଜାତିସଂଘର ଅନୁମୋଦନ ମିଳିଛି। ମିଳିତ ଜାତିସଂଘ ପକ୍ଷରୁ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ମହିଳା ମାନଙ୍କ ପ୍ରତି ଅତ୍ୟାଚାର ଏପରିକି ନାବାଳିକା ଓ ଶିଶୁକନ୍ୟାଙ୍କ ପ୍ରତି ବଳାତ୍କାର ଯେପରି ଦିନକୁ ଦିନ ବଢ଼ି ଚାଲିଛି ତାହା ଚିନ୍ତାର ବିଷୟ ହୋଇଛି। ବାପା-ମାଆମାନେ ନିଜ ନିଜର କନ୍ୟାମାନଙ୍କୁ ସ୍କୁଲ କଲେଜକୁ ପଠାଇବା ପରେ ସେମାନେ ଯେ ଅକ୍ଷତ ଅବସ୍ଥାରେ ଫେରିବେ ସେ ନେଇ ସେମାନଙ୍କ ମନରେ ନାନା ଆଶଙ୍କା ସୃଷ୍ଟି ହେଉଛି। ପିପିଲି, ମହାକାଳପଡ଼ା, ଢ଼େଙ୍କାନାଳ ସାଲିଆସାହିରେ ଯେଉଁ ନାରକୀୟ ଘଟଣା ଘଟିଲା ଆଉ ଚଳନ୍ତା ରାତ୍ରୀ ବସରେ ଯେଉଁଭଳି ଅମାନୁଷିକ ବଳାତ୍କାର ଘଟଣା ଘଟିଲା, ସେସବୁ ରାଜ୍ୟବାସୀଙ୍କୁ ହତ୍‌ବାକ୍ କରିପକାଇଥିଲା। ହାତରୁ ଗହଣା, ବେକରୁ ଚେନ୍, ମନିପର୍ସ ଛଡ଼ାଇ ନେବାର ଘଟଣା ନିତିଦିନିଆ ହୋଇଗଲାଣି। ପ୍ରାତଃ ଭ୍ରମଣରେ ଯିବାକୁ ମହିଳା ଓ ଯୁବତୀମାନେ ଭୟ କରୁଛନ୍ତି। ଖାଲି ଛଡ଼ାଇ ନେବା ଭୟ ନୁହେଁ ଘଟଣା ସମୟରେ ଜୀବନ ଯିବାର ଭୟ ବି ଲୋକଙ୍କୁ ଘାରୁଛି। ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଚୋରି, ଡକାୟତି, ନାରୀ ବଳାତ୍କାର, ନିର୍ଯାତନା ହତ୍ୟା, ଅପହରଣ, ଠକେଇ ଆଦି ସବୁ ସୀମାସରହଦ ଟପିଯାଇଛି। ଯୌତୁକଜନିତ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯୌତୁକ ସମ୍ବନ୍ଧୀୟ ହତ୍ୟା, ଆତ୍ମହତ୍ୟା ଏବଂ ଅପମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ଏହା କେବଳ ସାଧାରଣ ପରିବାରରେ ନୁହେଁ ଥିଲାବାଲା ତଥାକଥିତ ସମ୍ଭ୍ରାନ୍ତ ପରିବାର ମଧ୍ୟରେ ଘଟୁଛି। ୨୦୧୨ରେ ପଞ୍ଜାବରେ ବଳାତ୍କାରର ସଂଖ୍ୟା ପୂର୍ବବର୍ଷ ତୁଳନାରେ ସବୁଠାରୁ ଅଧିକ ୪୨ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ତାହା ପଛକୁ ଥିଲା ଓଡ଼ିଶା। ଓଡ଼ିଶାରେ ବଳାତ୍କାର ସଂଖ୍ୟା ୨୦୧୧ ମସିହା ତୁଳନାରେ ୨୦୧୨ରେ ୩୧ ପ୍ରତିଶତ ବୃଦ୍ଧି ପାଇଥିଲା। ଦେଶରେ ଅଧିକସଂଖ୍ୟକ ଦୁଷ୍କର୍ମ ହୋଇଥିବା ୫ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ଥିଲା ଅନ୍ୟତମ। ୨୦୧୨ରେ ନାରୀମାନଙ୍କ ପ୍ରତି ହୋଇଥିବା ବଳାତ୍କାରରେ ସର୍ବଭାରତୀୟ ସଂଖ୍ୟା ୨୪,୯୨୩ (୪.୨୬) ଥିବାବେଳେ ଓଡ଼ିଶାରେ ସଂଖ୍ୟା ୧୪୫୮ (୭.୧୫)। ବନ୍ଦନୀ ମଧ୍ୟରେ ଦିଆଯାଇଥିବା ସଂଖ୍ୟା ହେଉଛି ଏକ ଲକ୍ଷ ମହିଳାଙ୍କ ମଧ୍ୟରୁ ପୀଡ଼ିତାଙ୍କ ଅଂଶ। ଯୌତୁକ ଜନିତ ହତ୍ୟାରେ ସର୍ବଭାରତୀୟ ସ୍ତରରେ ୮.୨୩୩ (୧.୪୨) ଥିବାବେଳେ ଓଡ଼ିଶାରେ ୫୨୫ (୨.୫୭)। ମହିଳା ଅପହରଣରେ ସର୍ବଭାରତୀୟ ସଂଖ୍ୟା ୩୮.୨୬୨ (୬.୫୪) ଥିବାବେଳେ ଓଡ଼ିଶାରେ ୧୩୬୪ (୬.୬୯)। ୨୦୧୨ରେ ହତ୍ୟାରେ ସର୍ବଭାରତୀୟ ସଂଖ୍ୟା ୩୪.୪୩୪ (୨.୮୭) ଥିବାବେଳେ ଓଡ଼ିଶାରେ ୧.୫୮ (୩.୬୮)। ହତ୍ୟା ଉଦ୍ୟମରେ ସର୍ବଭାରତୀୟ ସଂଖ୍ୟା ୩୫.୧୩୮ (୨.୯୨) ଥିବାବେଳେ ଓଡ଼ିଶାରେ ୧.୮୭୯ (୪.୪୭)। ଡକାୟତି ସର୍ବଭାରତୀୟ ସ୍ତରରେ ୪.୩୧୪ (୦.୩୬) ଥିବାବେଳେ ଓଡ଼ିଶାରେ ୪୦୨ (୦.୯୬)। ଚୋରି ସର୍ବଭାରତୀୟ ସ୍ତରରେ ୨୭.୩୪୩ (୨.୨୮) ଥିବାବେଳେ ଓଡ଼ିଶାରେ ୧.୬୧୩ (୩.୯୧)। ୨୦୧୨ରେ ଓଡ଼ିଶାରେ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ୨୦୧୧ ତୁଳନାରେ ୧୦.୯ ପ୍ରତିଶତ ବଢ଼ିଥିବାବେଳେ ସର୍ବଭାରତୀୟ ସ୍ତରରେ ବଢ଼ିଛି ମାତ୍ର ୨.୯ ପ୍ରତିଶତ। ଏଥିରୁ ସ୍ପଷ୍ଟ ଯେ ଓଡ଼ିଶାରେ ଅପରାଧ ହାର ବଢ଼ିବାରେ ଚାଲିଛି। ମିଳିତ ଜାତିସଂଘର ଅନୁଧ୍ୟାନ ରିପୋର୍ଟରେ ନାରୀ ନିର୍ଯାତନାରେ ଓଡ଼ିଶା ସର୍ବାଗ୍ରେ ରହିଛି। ପ୍ରତି ୧୦ରୁ ୬ ପୁରୁଷ ପତ୍ନୀ ନିର୍ଯାତନାରେ ସମ୍ପୃକ୍ତ ଥିବାବେଳେ ୩୮ ପ୍ରତିଶତ ମହିଳା ଶାରୀରିକ ନିର୍ଯାତନା ଭୋଗୁଛନ୍ତି। ୩୧୫୮ ମହିଳାଙ୍କ ମଧ୍ୟରୁ ୫୨ ପ୍ରତିଶତ ପାରିବାରିକ ହିଂସାର ଶିକାର ହେଉଛନ୍ତି। ନିଜର ପୁରୁଷପଣିଆକୁ ପ୍ରମାଣିତ କରିବାକୁ ଯାଇ ଅର୍ଥନୀତି ଓ ପରିବାର ମଧ୍ୟରେ ପତ୍ନୀଙ୍କ ନିର୍ଯାତନା ଦେଉଥିବା ସର୍ଭେରେ ଉଲ୍ଲେଖ ହୋଇଛି। ମହିଳା ହିଂସାରେ ଓଡ଼ିଶା ଆଗୁଆ ଥିବାବେଳେ ଏହା ଏବେ ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଶାନ୍ତିପ୍ରିୟ ରାଜ୍ୟ ବୋଲି ସମଗ୍ର ଦେଶରେ ସୁନାମ ଆଣିଥିବା ଓଡ଼ିଶାରେ ଏବେ ଅପରାଧର ହାର ଅହେତୁକ ଭାବେ ବୃଦ୍ଧି ପାଇବା ବାସ୍ତବିକ ଚିନ୍ତାର ବିଷୟ ହୋଇଛି। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଏ ନେଇ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନେବା ସହ ଆନ୍ଦୋଳନ ଅନେକ ଝିଅ ଓ ମହିଳାଙ୍କ ଥଇଥାନ ଓ ସେମାନଙ୍କୁ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ବଞ୍ଚିବାର ପ୍ରେରଣା ଓ ସହଯୋଗ ଯୋଗାଇବାକୁ ସମର୍ଥ ହୋଇଛି। ତେବେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯେତେ ଆଇନଗତ ବ୍ୟବସ୍ଥା ରହୁଥିଲେ ବି ଆଜିର ସମୟରେ ଅଧିକାଂଶ କ୍ଷେତ୍ରରେ ହିଂସାତ୍ମକ ଘଟଣାରେ ମହିଳାମାନେ ଛଟପଟ ହେଉଛନ୍ତି। ତେଣୁ ମହିଳା ଜାତିଙ୍କ ପ୍ରତି ଉଚିତ୍ ସମ୍ମାନ ଓ ସହଯୋଗ ପ୍ରଦର୍ଶନ ପାଇଁ ଆମ ସମସ୍ତଙ୍କ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି ହେବା ଆବଶ୍ୟକ।

**(ସୌଜନ୍ୟ: ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୪୩୭୧୨୪୫୭୨)**

# ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ



ଭୁବନେଶ୍ୱର (ପିଏନ୍): 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ। ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ପ୍ରାଚୀନ ସମୟର 'ଖନାବଚନ'ର ଏହି ଦୁଇଟି ଧାଡ଼ି କିନ୍ତୁ ଆଜିର ସମୟରେ ଯୁଗୋପଯୋଗୀ ଓ ପ୍ରାସଙ୍ଗିକ ମଧ୍ୟ। ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ତାହା କହିବା ବାହୁଲ୍ୟମାତ୍ର। ଆବଶ୍ୟକତାଠାରୁ ଅଧିକ ତୈଳଯୁକ୍ତ, ଅଧିକ କ୍ୟାଲୋରୀ ଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଏହି ମେଦବହୁଳତାର ମୁଖ୍ୟ କାରଣ। କେବଳ ବୟସ୍କ ନୁହନ୍ତି, ଛୋଟପିଲାଙ୍କ ଠାରୁ ଯୁବକ ଓ ମହିଳା ମାନେ ଏପରି ସମସ୍ୟାରେ ଭାରାକ୍ରାନ୍ତ। ଯୁବବର୍ଗଙ୍କ ଭିତରେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଚାଟ୍, ରୋଲ, ଚାଓମିନ୍, ଆଇସକ୍ରିମ୍ ଆଦି ଖାଇବାକୁ ଆଗ୍ରହ ବଢ଼ିବା ସହ ତଥାକଥିତ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏହାର ପ୍ରମୁଖ କାରଣ। ଆଉ ଏଭଳି ଖାଦ୍ୟ ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ। ଫଳରେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ସେମାନେ। କେବଳ ସେତିକି ନୁହେଁ ମେଦବହୁଳତା କାରଣରୁ ହୃଦ୍‌ଜନିତ ସମସ୍ୟା, ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ପିଠି ଯନ୍ତ୍ରଣା ଦେଖାଯିବାର ଆଶଙ୍କା ରହିଛି। ନିକଟରେ ଏସୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣା ପଡ଼ିଛି ଯେ ଅଧିକାଂଶ ମହିଳା ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ କମ୍ ଦେଇ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଦେଇଥାଆନ୍ତି। ମୃଦୁପାନୀୟ ଓ ବିଭିନ୍ନ ପ୍ରକାର ନିଶାଯୁକ୍ତ ପାନୀୟ ମଧ୍ୟ ମେଦବହୁଳତାର ଗୁରୁତ୍ୱପୂର୍ଣ୍ଣ କାରଣ। ସେହିପରି ବର୍ତ୍ତମାନ ହାତପାହାନ୍ତାରେ ସୂଚନାପ୍ରଯୁକ୍ତିର ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବାରୁ ସାଧାରଣରେ ଯୋଗ, ପ୍ରାଣାୟମ ଓ ଉପଯୁକ୍ତ ବିଶ୍ରାମକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରୁନାହାନ୍ତି। ଘଣ୍ଟା ଘଣ୍ଟା ଧରି ମୋବାଇଲ, ଇଣ୍ଟରନେଟ, କମ୍ପ୍ୟୁଟର ସାମ୍ନାରେ ବସି ରହିବା ଦ୍ୱାରା ଜଣେ ଖାଇଥିବା ଖାଦ୍ୟ ସୁଷମ ଭାବରେ ହଜମ ହେବାର ପାଚନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନାହିଁ। ମେଦବହୁଳତା ପ୍ରସଙ୍ଗରେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭରର ସମ୍ପର୍କ ରହିଛି। ଖାଦ୍ୟ ପେଟ ଭିତରକୁ ଗଲାପରେ ଏହା ଲିଭର ସଂସ୍ପର୍ଶରେ ଆସି ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେଣୁ ମେଦବହୁଳତା ନିଶ୍ଚିନ୍ତ ଭାବରେ ଲିଭର ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ମେଦବହୁଳତା ହେଲେ ଲିଭର ଭିତରେ ଚର୍ବି ଜମିଯାଏ। ଏହି ଚର୍ବି ଗୁଡ଼ିକ ଧିରେ ଧିରେ ଲିଭରର କୋଷକୁ ଆକ୍ରାନ୍ତ କରି ଏକ ପ୍ରଦାହ ସୃଷ୍ଟି କରେ। ପ୍ରଥମ ଅବସ୍ଥାରେ ଏହାକୁ ଫ୍ୟାଟି ଲିଭର କୁହନ୍ତି ଓ ଦ୍ୱିତୀୟ ଅବସ୍ଥାରେ ଏହାକୁ ନାସ୍ ବୋଲି କୁହନ୍ତି। ଧିରେ ଧିରେ ଲିଭର ଭିତରେ ସୂତ୍ରତନ୍ତୁମୟତା ବଢ଼ିଯାଇ ଫାଇବ୍ରୋସିସ୍ ହୁଏ। ଏହା ଲିଭରରେ ମୋଟା କ୍ଷତ ଦାଗ ସୃଷ୍ଟି କରେ ଓ ଲିଭର ଭିତରେ ଛୋଟ ଛୋଟ ଗ୍ରନ୍ଥି ହୋଇ ଏହା ଫୁଲିଯାଏ। ଏହାକୁ ଲିଭର ସିରୋସିସ୍ କୁହନ୍ତି। ଧିରେ ଧିରେ ଲିଭର ସିରୋସିସ୍ ବଢ଼ି ଲିଭର କ୍ୟାନସରରେ ରୂପାନ୍ତରିତ ହୁଏ। ମେଦବହୁଳତା ଯୋଗୁଁ ୭୦% କ୍ଷେତ୍ରରେ ଫ୍ୟାଟିଲିଭର ହୁଏ ଓ ୧୫ରୁ ୨୦% କ୍ଷେତ୍ରରେ ତାହା ଲିଭରସିରୋସିସ୍ ହୁଏ। ଏହା ବ୍ୟତୀତ ଡାଏବେଟିସ୍, ଗଣ୍ଠିବାତ ରୋଗ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ ଓ ଶ୍ୱାସଜନିତ ସମସ୍ୟା ଦେଖାଦିଏ। ଶରୀରରେ ୟୁରିକ୍ ଏସିଡ୍‌ର ମାତ୍ରା ବୃଦ୍ଧି ପାଇ ଗଣ୍ଠିବାତ ମଧ୍ୟ ହୁଏ। ଧିରେ ଧିରେ ବୃକକ୍‌କୁ ମଧ୍ୟ ଆକ୍ରାନ୍ତ କରେ ଓ ମସ୍ତିଷ୍କରେ ରକ୍ତ ପ୍ରବାହ କମିଯାଏ ଓ ବେଳେ ବେଳେ ପାରାଲେସିସ୍ ମଧ୍ୟ ହୁଏ। କେତେକ କ୍ଷେତ୍ରରେ ମେଦବହୁଳତା ପରିବାରର ଜିନ୍ ସଂକ୍ରାନ୍ତୀୟ ବଂଶାନୁକ୍ରମିକ ଭାବେ ଜଣକୁ ହୋଇଥାଏ କିନ୍ତୁ, ଏହାର ସମ୍ଭାବନା କମ୍। ଏହି ମେଦବହୁଳତାର ନିରାକରଣ ପାଇଁ ପ୍ରତିଦିନ ନିୟମିତ ବ୍ୟାୟାମ, ପ୍ରାଣାୟାମ ଓ ଯୋଗ କରିବା ସହିତ ଖାଦ୍ୟପେୟର କଟକଣା କରିବା ଉଚିତ। ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସବୁଜ ଓ ତଟକା ପନିପରିବା ଓ ଫଳକୁ ନିଜ ଖାଦ୍ୟ ତାଲିକାରେ ଗୁରୁତ୍ୱ ଦେବା ଜରୁରୀ। ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଫ୍ରିଜ୍‌ର ଥଣ୍ଡାଖାଦ୍ୟ, ଚକୋଲେଟ, ମିଠା, ମାଦକଦ୍ରବ୍ୟ ଓ ଥଣ୍ଡା ପାନୀୟଠାରୁ ଯେତେ ସମ୍ଭବ ଦୂରେଇ ରହିବା ନିଶ୍ଚିତ ଭାବରେ ଭଲ। ଏପରିକି ଅତ୍ୟଧିକ ଥଣ୍ଡା, ମାଛ, ମାଂସ, ଘିଅ, ଲହୁଣି, ତୈଳଜାତୀୟ ଖାଦ୍ୟ ଆଦି ଖାଇବା ନିଷେଧ। ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିରାମିଷ ଖାଦ୍ୟ ପ୍ରସଙ୍ଗରେ କହିଛନ୍ତି-ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼। ଆମିଷରେ ବିଧାନ ଉତ୍ତେଜିତ, ଅଯଥା ହୁଏ ଜର୍ଜରିତ। ଖାଇସାରିବା ପରେ ଅଧିକ ସମୟ ବସି ରହିଲେ ପେଟ ବଢ଼ିଥାଏ। ଛାତ୍ରଛାତ୍ରୀମାନଙ୍କ ନିକଟରେ ଏହି ରୋଗ ଦେଖାଦେଲେ ସେମାନଙ୍କର ସ୍ମରଣଶକ୍ତି ହ୍ରାସ ଘଟିଥାଏ। ତେଣୁ ଛାତ୍ରଛାତ୍ରୀମାନେ ନିୟମିତ ଶିକ୍ଷାଧ୍ୟୟନ, ଖେଳକସରତ, ଯୋଗ, ପ୍ରାଣାୟାମ ଓ ଧ୍ୟାନ କରିବା ଉଚିତ। କଠିନ ପରିଶ୍ରମ ହିଁ ମେଦ ବହୁଳତା ରୋଗରୁ ରକ୍ଷା ପାଇବାର ଶ୍ରେଷ୍ଠ ମାଧ୍ୟମ। ସେଥିପାଇଁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରତିବର୍ଷ ନଭେମ୍ବର ୨୮ ତାରିଖକୁ ବିଶ୍ୱ ମେଦବହୁଳତା ଦିବସ ରୂପେ ବିଧିବଦ୍ଧ ଭାବେ ପାଳନ କରାଯାଏ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ, କଲେଜ, କଟକ**

# ନିଖିଳ ଉତ୍କଳ ବାରିକ ସମାଜର ଦାବି



ଭୁବନେଶ୍ୱର (ପିଏନ୍): ନିଖିଳ ଉତ୍କଳ ବାରିକ ସିମିତିର ୮୪ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ ଅଡ଼ିଟୋରିୟମଠାରେ ରାଜ୍ୟ ସଭାପତି ହେମନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୨୬ଗୋଟି ଜିଲ୍ଲାରୁ ସହସ୍ରାଧିକ ବାରିକ ଭାଇଭଉଣୀ, ପ୍ରତ୍ୟେକ ଜିଲ୍ଲାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ କୁଳମଣି ବାରିକ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ତାଙ୍କ ସମ୍ପାଦକୀୟ ବିବରଣୀ ପାଠ କରି ରାଜ୍ୟ ସରକାର ବାରିକମାନଙ୍କ ପାଇଁ କଲ୍ୟାଣ ବୋର୍ଡ଼ ଗଠନ କରିବା ପାଇଁ ନିର୍ବାଚନ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଅଦ୍ୟାବଧି ନୀତିଗତ ଭାବେ କାର୍ଯ୍ୟକାରୀ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ସରକାର ଯଦି ଏହାକୁ ତୁରନ୍ତ କାର୍ଯ୍ୟକାରୀ ନକରନ୍ତି ତେବେ ରାଜ୍ୟର ବାରିକମାନେ କ୍ଷୌର କାର୍ଯ୍ୟ ବର୍ଜନ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଥିବା ବେଳେ ବାରିକମାନଙ୍କର କୌଳିକ ବ୍ୟବସାୟକୁ ବିକଶିତ କରିବା ପାଇଁ ଅନ୍ତତଃପକ୍ଷେ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଦୃଢ଼ ଦାବି କରିଥିଲେ। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ସୁବାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ରାଜ୍ୟ ସରକାର ନାପିତ ଜାତିର ଲୋକମାନଙ୍କର ଉନ୍ନତି ପାଇଁ କଲ୍ୟାଣ ବୋର୍ଡ଼ ଗଠନ କରିବା ନିମନ୍ତେ ନିର୍ବାଚନ ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା କାର୍ଯ୍ୟକାରୀ କରିବା ନିମିତ୍ତ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପାଇସାରିଛି ଓ ଏହା ନୀତିଗତ ଭାବେ ଘୋଷଣା କରାଯିବା ଅପେକ୍ଷାରେ ଅଛି ବୋଲି। ଅନ୍ୟ ପକ୍ଷରେ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ତରଫରୁ ଯେପରି ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ସେହିପରି କ୍ଷୌର କାର୍ଯ୍ୟରେ ଲିପ୍ତ ଥିବା କ୍ଷୌରକାରମାନଙ୍କୁ ମଧ୍ୟ ଗୋଷ୍ଠୀଗତ ଭାବେ ଆର୍ଥିକ ସହାୟତା ପ୍ରଦାନ କରିବା ନିହାତି ଦରକାର। ଏହାଦ୍ୱାରା ସେମାନଙ୍କର କୌଳିକ ବୃତ୍ତିର ବିକାଶ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଥିଲେ ଯେ, ବାରିକ ସଂଗଠନକୁ ପ୍ରତି ବ୍ଲକ ଓ ଜିଲ୍ଲାସ୍ତରରେ ବ୍ୟାପକ କରିବା ନିମନ୍ତେ ଗୋଟିଏ ଗୋଟିଏ କମ୍ୟୁନିଟି ହଲ୍ ନିର୍ମାଣ କରିବାର ଆବଶ୍ୟକତା ରହିଛି। ବାରିକ ଭାଇମାନେ ଜାଗା ଖଣ୍ଡିଏ ଯୋଗାଡ଼ କଲେ ରାଜ୍ୟ ସରକାରଙ୍କ ଦ୍ୱାରା ସେଠାରେ କମ୍ୟୁନିଟି ହଲ୍ ପ୍ରତିଷ୍ଠା କରାଯିବା ପାଇଁ ସେ ସହଯୋଗ ପ୍ରଦାନ କରିବେ ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗାଁଗହଳିରେ କ୍ଷୌରକାର୍ଯ୍ୟ କରୁଥିବା ବର୍ତ୍ତନଭୋଗୀ ବାରିକମାନଙ୍କ ପାଇଁ ଓ ସହର ବଜାରରେ ସେଲୁନ୍ ଦୋକାନ ଖୋଲିଥିବା ବାରିକମାନଙ୍କୁ ଚିହ୍ନଟ କରି ସେମାନଙ୍କର ଆର୍ଥିକ ବିକାଶ ନିମନ୍ତେ ଗୋଟିଏ ଗୋଟିଏ ଗୋଷ୍ଠୀ ଗଠନ କରି ସେମାନଙ୍କୁ ଆର୍ଥିକ ସହାୟତା ରାଶି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସହଯୋଗରେ ମିଳିବା ଦରକାର। ସେଥିରୁ ୪ ଲକ୍ଷ ଟଙ୍କା ଛାଡ଼ କରି ଅବଶିଷ୍ଟ ୧ ଲକ୍ଷ ଟଙ୍କାକୁ ଶତକଡ଼ା ୧ଭାଗ ସୁଧରେ ଦିଆଗଲେ ବାରିକମାନେ ପ୍ରକୃତରେ ସ୍ୱାବଲମ୍ବୀ ହୋଇପାରିବେ। ବାରିକ ଜାତିର ଲୋକମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ନିହାତି ଜରୁରୀ ବୋଲି ମଧ୍ୟ ମତପୋଷଣ କରିଥିଲେ। ସଭାପତି ନିଜର ବକ୍ତବ୍ୟରେ ବାରିକମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ସରକାର କାଳକ୍ଷେପଣ ନୀତି ଅବଲମ୍ବନ ନକରି ତୁରନ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ସେ ନିବେଦନ କରିଥିଲେ। ଶେଷରେ ସମ୍ପାଦକ ମାୟାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଭାରତ ବନ୍ଦ ପାଇଁ ବୌଦ୍ଧ ଜିଲାରେ ସାଧାରଣ ଜନଜୀବନ ଠପ୍

ବୌଦ୍ଧ : ଦେଶରେ ସର୍ବନିମ୍ନ ବେତନ ବୃଦ୍ଧି, ବେକାରୀ ସମସ୍ୟା, ସାମାଜିକ ସୁରକ୍ଷା , ଦରଦାମ ବୃଦ୍ଧି ଆଦି ୧୨ ଦଫା ଦାବୀ ନେଇ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଦେଶ ବ୍ୟାପି ଧର୍ମଘଟକୁ ସମର୍ଥନ କରି ଆଜି ବୌଦ୍ଧ ଜିଲାରେ ବନ୍ଦ ପାଳନ କରାଯାଇଛି। ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଥିଲା । ଏଆଇଟିୟୁସି ନେତା ଅବକାଶ ସାହୁଙ୍କ ନେତୃତ୍ୱରେ ବୌଦ୍ଧ ଜିଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତା ମାନେ ସକାଳ ୬ ଟାରୁ ସହରର ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ରାସ୍ତା ଅବରୋଧ ଫଳରେ ବୌଦ୍ଧ ସହରର ଏନଏସି ଛକ, ମହାନଦୀ ବ୍ରିଜଛକ ଠାରେ ଶତାଧିକ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ସହରର ଦୋକାନ ବଜାର , ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ , କୋର୍ଟ କଚେରୀ ସବୁ ସଂପୁର୍ଣ୍ଣ ବନ୍ଦ ରହିଥିବା ବେଳେ ଗାଡି ଚଳାଚଳ ମଧ ଠପ ହୋଇଯାଇଛି । ଆନ୍ଦୋଳନକାରୀ ମାନେ ଜିଲାଦୌରା ଜଜ୍ଙ୍କ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ଡାକଘର, ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ କରି ସେସବୁକୁ ବନ୍ଦ କରିଦେଇଥିଲେ। ବିଚାରପତି ମାନେ କୋର୍ଟକୁ ଆସୁଥିବା ବେଳେ ଆନ୍ଦୋଳନକାରୀ ମାନେ ସେମାନଙ୍କୁ କୋର୍ଟକୁ ଛାଡି ନଥିଲେ, ଫଳରେ ବିଚାରପତି ମାନେ ଫେରିଯାଇଥିଲେ । ବନ୍ଦକୁ ଦୃଷ୍ଟିରେ ରଖି ସହର ସାରା ବ୍ୟାପକ ପୋଲିସ ମୃତୟନ କରାଯାଇଛି। ଆଜିର ଆନ୍ଦୋଳନରେ ହିନ୍ଦ ମଜଦୁର ସଭାର ଜିଲା ସଭାପତି ଅର୍ଜୁନ ରଣା, ସୁନିଲ ପ୍ରଧାନ, ଗୁପ୍ତେଶ୍ୱର ପ୍ରଧାନ, ତାପସ ବଡମାଲୀ, ନେତ୍ରାନନ୍ଦ କହଁର, ସୁଧାଂଶୁ ପ୍ରଧାନ, ନିରାକାର ପ୍ରଧାନ ଓ ଅନ୍ୟମାନେ ନେତୃତ୍ୱ ନେଇଥିବା ବେଳେ ବିଭିନ୍ନ ସଂଗଠନର ଶତାଧିକ କର୍ମୀ ସାମିଲ ହୋଇଥିଲେ ।

## ଦିବ୍ୟାଙ୍ଗ ବନ୍ଧୁ ମିଳନ ଉତ୍ସବ

ଧର୍ମଶାଳା: ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକ ଝାଲପଡା ପଂଚାୟତ ସାନବାଗସାହିସ୍ଥିତ ମାସୁମ କାର୍ଯ୍ୟାଳୟ ପରିସରରେ ନୂତନ ବର୍ଷ ଅବସରରେ ଏକ ଦିବ୍ୟାଙ୍ଗ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମାସୁମ ଗୃପର ନିର୍ଦ୍ଦେଶକ ମଂଟୁ ଦାସଙ୍କ ସଭାପତିତ୍ୱରେ ମାସୁମ ଗୃପର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଅବହେଳିତ ଶିଶୁ ଓ ଦିବ୍ୟାଙ୍ଗମାନଙ୍କୁ ସରକାରୀ ଯୋଜନରେ ସାମିଲ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆନ୍ତରିକ ସହ କାର୍ଯ୍ୟ କରିବା ପାଇଁ ମଂଟୁ ଦାସ ଆହ୍ୱାନ ଦେଇଥିଲେ ।

## ଗସ୍ତର ଦ୍ୱିତୀୟ ଦିନରେ ପ୍ରମୁଖ ଶାସନ ସଚିବ କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କଲେ

କେନ୍ଦୁଝର: ଓଡ଼ିଶା ସରକାରଙ୍କ ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଦେଓରଂଜନ କୁମାର ସିଂହ ଚଳିତ ଜାନୁୟାରୀ ୭ ତାରିଖ ଦିନ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। ପ୍ରଥମେ ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗ୍ରାମ ଗସ୍ତ କରି ସେଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା କିପରି ହିତାଧିକାରୀମାନେ ପାଇଛନ୍ତି ତାହା ତଦାରଖ କରିଥିଲେ। ହିତାଧିକାରୀମାନଙ୍କ ସହ ବାର୍ତାଳପ କରି ସେମାନେ କି ପ୍ରକାର ସହାୟତା ଓ କେତେ ଟଙ୍କାର ସହାୟତା ରାଶି ପାଇଛନ୍ତି ତଦାରଖ କରିବା ସହ ହିତାଧିକାରୀଙ୍କ ପାଶବୁକ ତନଖି କରିଥିଲେ। ଏହାପରେ ଝୁମ୍ପୁରା ବ୍ଲକ୍ ଅର୍ନ୍ତଗତ ମୁରୁସୁଆଁ ଗ୍ରାମକୁ ଯାଇ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଶିଶୁମାନଙ୍କର ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସରକାରଙ୍କ ତରଫରୁ ୫ ଦିନ ଏବଂ ଓ୍ୱାଡ୍ସି ତରଫରୁ ୧ଦିନ ଅଣ୍ଡା ଶିଶୁମାନଙ୍କୁ ଦିଆଯାଉଛି କି ନାହିଁ ତାହା ପଚାରି ବୁଝିଥିଲେ। ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ରୋଷେଇ ଘର ପରିଦର୍ଶନ କରି ସେଠାରେ ଡିଏମ୍ଏଫ୍ ଅର୍ଥରେ ଯୋଗାଇ ଦିଆଯାଇଥିବା ଧୂମବିହୀନ ଚୁଲା ଓ ପ୍ରେସର୍ କୁକର୍ ବ୍ୟବହାର କରାଯାଉଛି କି ନାହିଁ ତାହା ତଦାରଖ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରର ପରିଚାଳନା ସମ୍ପର୍କରେ ସୁପରଭାଇଜର୍ ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଆଲୋଚନା କରିଥିଲେ ଏବଂ କୌଣସି ଶିଶୁ ଯେପରି ଅପପୃଷ୍ଟିର ଶିକାର ନହେବେ ସେଥିପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍ବ୍ୟତୀତ ଶିଶୁମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଦୈନିକ ଖାଦ୍ୟର ପ୍ରକାର ସମ୍ପର୍କରେ ତଦାରଖ କରିଥିଲେ। ମୁରୁସୁଆଁ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ବାର୍ତାଳପ କରିଥିଲେ। ଗୋଷ୍ଠୀର ସଦସ୍ୟା ସଂଖ୍ୟା , ଫେଡେରେସନ୍ ଗଠିତ ହୋଇଛି କି ନାହିଁ, ଗୋଷ୍ଠୀର ସଦସ୍ୟାମାନେ କଣ କଣ କାର୍ଯ୍ୟକ୍ରମ କରୁଛନ୍ତି, ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଛି କି ନାହିଁ ଏବଂ ସେମାନେ ମାସିକ କେତେ ଟଙ୍କା ଲାଭ ପାଉଛନ୍ତି ତାହା ପଚାରି ବୁଝିଥିଲେ। ଗୋଷ୍ଠୀର ସଦସ୍ୟାମାନେ କିପରି ଏସ୍ଏଚ୍ଜି କାର୍ଯ୍ୟକ୍ରମ ମାଧ୍ୟମରେ ଉପକୃତ ହେଉଛନ୍ତି ଏବଂ ସେମାନଙ୍କର ପରିବାରର ଆର୍ଥିକ ସ୍ଥିତି କିପରି ଉନ୍ନତି ହୋଇଛି ସେ ସମ୍ପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଖୁସି ବ୍ୟକ୍ତ କରିଥିଲେ। ଏତଦ୍ବ୍ୟତୀତ ଉକ୍ତ ଗ୍ରାମରେ ମମତା ମାଆ ମାନଙ୍କ ସହିତ ପ୍ରମୁଖ ଶାସନ ସଚିବ ବାର୍ତାଳପ କରିଥିଲେ। ସେମାନେ ଦୁଇଟି କିସ୍ତିରେ ମମତା ଯୋଜନାର ଆର୍ଥିକ ସହାୟତା ଠିକ୍ ଭାବେ ପାଉଛନ୍ତି କି ନାହିଁ ତାହା ପଚାରି ବୁଝିଥିଲେ। ପରେ ପରେ ମୁରୁସୁଆଁସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ଭିତିଭୂମି, ଶିକ୍ଷାଦାନ ଓ ପରିଚାଳନା ବ୍ୟବସ୍ଥା, ଛାତ୍ରାବାସ ପରିଚାଳନା ତଦାରଖ କରିବା ସହିତ ଶିକ୍ଷକ /ଶିକ୍ଷୟିତ୍ରୀ, ଛାତ୍ର/ଛାତ୍ରୀଙ୍କ ସହ ବାର୍ତାଳପ କରିଥିଲେ। ସର୍ବଦା ପରିଷ୍କାର, ପରିଚ୍ଛନ୍ନତା ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ପାଇଁ ବିଦ୍ୟାଳୟ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଚମ୍ପୁଆ ବ୍ଲକ୍ ଅର୍ନ୍ତଗତ ମିରିଗିସିଙ୍ଗା ଗସ୍ତ କରି ଡିଏମ୍ଏଫ୍ ଓ ଓ୍ୱାଡ୍ସି ଅର୍ଥରେ ବୈତରଣୀ ନଦୀରେ ନିର୍ମାଣାଧୀନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ କରିବା ପରେ କୋଦଗାଡ଼ିଆଠାରେ ପାନୀୟ ଜଳ ଟ୍ରିଟ୍ମେଂଟ ପ୍ଲାଂଟ ପରିଦର୍ଶନ କରିଥିଲେ। ପ୍ରମୁଖ ଶାସନ ସଚିବ ଯୋଡ଼ା ଗସ୍ତ କରି ଶାସ୍ତ୍ରୀନଗରଠାରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ସେଠାରେ ଖାଦ୍ୟର ମାନ ତଦାରଖ କରିବା ସହିତ ଲୋକମାନଙ୍କ ସହିତ ଆହାର କେନ୍ଦ୍ରର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ଯୋଡ଼ା ପୌରପାଳିକା କାର୍ଯ୍ୟାଳୟ ଗସ୍ତ କରି ସେଠାରେ "ମୋ ସରକାର ସେଲ୍"ର କାର୍ଯ୍ୟକାରିତା ତଦାରଖ କରିଥିଲେ। ତାପରେ ବେଲ୍ଦା ଗ୍ରାମ ଗସ୍ତ କରି ସେଠାରେ ଓ୍ୱାଡ୍ସି ଅର୍ଥରେ ନିର୍ମାଣାଧୀନ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ତଦାରଖ କରିଥିଲେ। ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଇଂଜିନିୟର୍ ଇନ୍ ଚିଫ୍ ଆର୍.ଏନ୍ ନାଏକ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦୟାନିଧି ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଶାସନ ସଚିବଙ୍କ ଗସ୍ତ କାଳରେ ଉପସ୍ଥିତ ଥିଲେ।

## ଧର୍ମଶାଳା, ବଡଚଣା ଓ ରସୁଲପୁର ବ୍ଲକରେ ଭରତ ବନ୍ଦର ପ୍ରଭାବ

ଧର୍ମଶାଳା: କେନ୍ଦ୍ରୀୟ ଟ୍ରେଡ ୟୁନିଅନ ପକ୍ଷରୁ ଶ୍ରମିକ ମାରଣ ନୀତି ଆଜି ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ ଜଣାଇଛନ୍ତି । ଆଜିର ଏହି ବନ୍ଦ ଫଳରେ ଧର୍ମଶାଳା, ବଡଚଣା ଓ ରସୁଲପୁର ବ୍ଲକରେ ଏହାର ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି । ଏହି ସମସ୍ତ ବ୍ଲକରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ବ୍ୟାଙ୍କ ଓ ପେଟ୍ରୋଲ ପମ୍ପ ଗୁଡିକ ବନ୍ଦ ରହିଥିବା ବେଳେ ଅପରାହ୍ନରେ ସମସ୍ତ ଛକ ବଜାର ଖୋଲାଯାଇଥିଲା । କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ସୂଚନା ମିଳିଛି ।

## ବରିଷ୍ଠ ନାଗରିକ ମାନଙ୍କୁ ସମସ୍ତ ସହ ଯୋଗ କରିବାକି ଜିଲ୍ଲା ପ୍ରଶାସନ ପ୍ରସ୍ତୁତ : ରଞ୍ଜନ କୁମାର ଦାସ ଜିଲ୍ଲାପାଳ

ଧର୍ମଶାଳା: ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ଏକ ସାଧାରଣ ପରିଷଦ ବୈଠକ ଆଜି ମଙ୍ଗଳବାର ଦର୍ପଣ ପଂଚାୟତ କାର୍ଯ୍ୟାଳୟ ପରିସରରେ ସଭାପତି ଶେଷଦେବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଏସ .ଡି.ପି.ଓ ଚିନ୍ମୟ କୁମାର ନାୟକ ଓ ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଅଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ଓ ବଡଚଣା ଥାନାଧିକାରୀ ଦୀପକ କୁମାର ଜେନା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିବା ସହିତ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥିମାନଙ୍କୁ ଉତରୀୟ ଓ ପୁଷ୍ପଗୁଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ମଂଚର ସାଧାରଣ ସଂପାଦକ ହେମନ୍ତ କୁମାର ସାମଲ, ନାଗରିକ ମାନଙ୍କ ସୁରକ୍ଷା ଓ କେତେକ ଦାବି ସଂପର୍କିତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଠନ କରିଥିଲେ। ଆଜି ରାଜ୍ୟରେ ବରିଷ୍ଠ ନାଗରିକ ମାନଙ୍କର ସମସ୍ୟାକୁ ଦୂର କରିବା ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହାକୁ କାର୍ଯ୍ୟକାରୀ କରିବାପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି, ବରିଷ୍ଠ ନାଗରିକମାନଙ୍କୁ ସେବା ଯୋଗାଇବା ପାଇଁ ଆଂଚଳିକ ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକର୍ତା ଯେଉଁ ପ୍ରଚେଷ୍ଟା ଜାରି ରଖିଛନ୍ତି ତାହା ସ୍ୱାଗତ ଯୋଗ୍ୟ। ଯେଉଁ ଦାବି ଉପସ୍ଥାପନା କରାଯାଇଛି ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଗୃହ ଜରାନିବାସ, ସ୍ୱାସ୍ଥ୍ୟ ସେବା, ବାର୍ଦ୍ଧକ୍ୟ, ବିଧବା ଭତା, ବ୍ୟାଙ୍କ, ବ୍ଲକ, ତହସିଲ, କାର୍ଯ୍ୟାଳୟରେ ନାଗରିକଙ୍କୁ ସୁବିଧା ଯୋଗାଇ ଦେବାପାଇଁ ପ୍ରଶାସନ ସବୁ ସମୟରେ ଯାଉଛି ବୋଲି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଜିଲ୍ଲା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କ ଅସୁବିଧାକୁ ଦୂର କରାଯିବା ପାଇଁ ଆମେ ପ୍ରସ୍ତୁତ ରହିଛି ବୋଲି ଏସ.ଡି.ପି.ଓ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସେବା କରିବା ପାଇଁ ମୁଁ ସବୁବେଳେ ପ୍ରସ୍ତୁତ ରହିଛି ବୋଲି ସମ୍ମାନିତ ଅତିଥି ଡାକ୍ତର ଶ୍ରୀ ଶତପଥି ପ୍ରକାଶ କରିଥିଲେ।

## ପଢ଼ିଆରୀପଲ୍ଲୀ ପଂଚାୟତ ହାଇସ୍କୁଲ ବଣିଆପଙ୍କର ଶିକ୍ଷକ ଓ କର୍ମଚାରୀ ମରୁଡ଼ି ନିଯୁକ୍ତି ଦେବାକୁ ଦାବୀ

କେନ୍ଦୁଝର (ପିଏନ): ହାଟଡିହି ବ୍ଲକ ପଢ଼ିଆରୀପଲ୍ଲୀ ପଂଚାୟତ ହାଇସ୍କୁଲ ବଣିଆପଙ୍କର ଶିକ୍ଷକ ଓ କର୍ମଚାରୀ ନଥିବାରୁ ଶିକ୍ଷାଦାନର ବାଧାପ୍ରାପ୍ତ ସୃଷ୍ଟି ହେଉଥିବାରୁ ଏହାକୁ ନେଇ ଅଭିଯୋଗ ହେଉଛି । ଅଭିଯୋଗରୁ ଜଣାଯାଇଛି ବିଦ୍ୟାଳୟରେ ୧୫୦ ଜଣ ଛାତ୍ରଛାତ୍ରୀ ଶିକ୍ଷାଦାନ କରୁଛନ୍ତି । ଏହି ବିଦ୍ୟାଳୟର କଳାଶିକ୍ଷକ, ସଂସ୍କୃତ ଶିକ୍ଷକ , ଖେଳଶିକ୍ଷକ ଓ କ୍ଲର୍କ ନାହାଁନ୍ତି। ଖେଳ ପାଇଁ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ବର୍ଷ ବର୍ଷ ଧରି ଖେଳ ଶିକ୍ଷକ ନାହାଁନ୍ତି । ଅନ୍ୟ ପକ୍ଷରେ କଳା ଓ ସଂସ୍କୃତ ଶିକ୍ଷକ ନାହାଁନ୍ତି । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। କ୍ଲର୍କ ନଥିବାରୁ ବିଦ୍ୟାଳୟର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଫର୍ମ ଫିଲପ ଅନ୍ୟ କାର୍ଯ୍ୟ ସମୟରେ ଅସୁବିଧା ଉପୁଜୁଛି। ଏହାକୁ ନେଇ ବିଦ୍ୟାଳୟ କତୃପକ୍ଷ, କମିଟି ଓ ଅଭିଭାବକ ଡିଇଓ ଓ ବିଧାୟକ ଦୃଷ୍ଟି ଆକର୍ଷଣ କରି ଶ୍ରୀଘ୍ର ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି ।

## ଭାରତ ବନ୍ଦର ଝାରସୁଗୁଡାରେ ଆଂଶିକ ପ୍ରଭାବ

ଝାରସୁଗୁଡା : ଦେଶରେ ଦରଦାମ ବୃଦ୍ଧି, ବେକାରି ସମସ୍ୟା ସହ ୧୨ ଦଫା ଦାବି ନେଇ ୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଘଠନ ପକ୍ଷରୁ ଦିଆଯାଇଥିବା ୨୪ ଘଂଟିଆ ବନ୍ଦ ପାଳନ ଜିଲ୍ଲାରେ ଆଂଶିକ ପ୍ରଭାବ ପଡିଛି । ଏହି ଆନ୍ଦୋଳନ ରେ କଂଗ୍ରେସ ଦଳ ମଧ୍ୟ ଏଠାରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ରାସ୍ତାରୋକ କରିଥିବାରୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସହରରେ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହୋଇଛନ୍ତି। କେତେକ ସ୍ଥାନରେ ଦୋକାନ ବଜାର ଖୋଲା ଥିବା ସହ ଦୁଇ ଚକିଆ ଓ ଟେମ୍ପୋ ଗାଡି ମଟର ଚଳାଚଳ ମଧ ସ୍ୱାଭାବିକ ରହିଥିଲା। ଭାରତ ବନ୍ଦ ପାଇଁ ସୁରକ୍ଷା ଦୃଷ୍ଟି କୋଣରୁ ଜିଲ୍ଲାପାଳ ଝାରସୁଗୁଡ଼ା ର ସମସ୍ତ ସ୍କୁଲ ଆଜି ଦିନକ ପାଇଁ ଛୁଟି ଘୋଷଣା କରିଥିବାରୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ଏଠାରେ ଥିବା ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଜୀବନବୀମା କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବାରୁ ସେ ଗୁଡ଼ିକ ବନ୍ଦ ରହିଥିଲା। ଜିଲ୍ଲାର ବେଳପହାଡ଼, ବ୍ରଜରାଜନଗର ଏବଂ ଝାରସୁଗୁଡ଼ା ପୌରାଂଚଳ ରେ ଆଜି ର ବନ୍ଦର ଆଂଶିକ ପ୍ରଭା ପଡିଥିବା ବେଳେ ଗ୍ରାମାଂଚଳ ରେ ଏହାର କୌଣସି ପ୍ରଭାବ ପଡିନଥିଲା।

## ଗୁନ୍ଭିନ୍ଙ୍କୁ କିଟ୍ ନହ୍ନିପରୀ ଟାଇଟଲ୍ ୨୦୧୯



ଭୁବନେଶ୍ୱର : ଛତିଶଗଡ଼ ରାୟପୁରର ଗୁନ୍ଭିନ୍ ଛାତ୍ରୀ କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୯ ଟାଇଟଲ୍ ହାସଲ୍ କରିଛନ୍ତି। କିଟ୍ ପକ୍ଷରୁ ଆୟୋଜିତ 'କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୯ର ଫାଇନାଲ୍ ତଥା ମେଗା ରାଉଣ୍ଡ ରବିବାର ଶେଷ ହୋଇଛି। କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ପରିସରରେ ତିନି ଦିନ ଧରି ଚାଲିଥିବା ଏହି ମେଗା ଅଡ଼ିସନ୍ ତଥା ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଗୁନ୍ଭିନ୍ ନହ୍ନିପରୀ ମୁକୁଟ ସହ ୩ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ସେମିଫାଇନାଲ୍କୁ ୨୬ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଭୋପାଳର ତାପ୍ତି ଠାକୁର ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ପାଟନାର ବେଦିକା ରକ୍ଷିତା ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି ଦୁଇ ରନର୍ସ ଅପ୍ଙ୍କୁ ଯଥାକ୍ରମେ ୧ ଲକ୍ଷ ଓ ୫୦ ହଜାର ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା। ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ବାଙ୍ଗାଲୋରର ରେଷନୀ ଓ୍ୱାଇ, ଲିଟିଲ୍ ମିସ୍ ଫଟୋଜେନିକ ପାଇଁ କୋଚିର ସାରୋନ ସାହିନ୍, ଲିଟିଲ୍ ମିସ୍ ସେଲ୍ଫି ପାଇଁ (ଫେସ୍ବୁକ୍ରେ ସର୍ବାଧିକ ଲାଇକ୍) ପାଇଁ ମେଘାଳୟର ରାଇସା ସାହାନାଓ୍ୱାଜ, ଲିଟିଲ୍ ମିସ୍ ଫେସନ୍ ଗାର୍ଲ ପାଇଁ କୋଲକାତାର ଚନ୍ଦ୍ରିମା ସରକାର, ଲିଟିଲ୍ ମିସ୍ ଉଇଜ୍କିଡ୍ (କୁଇଜ୍ରେ ସର୍ବାଧିକ ନମ୍ବର) ରାୟପୁରର ଗୁନ୍ଭିନ୍, ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ପାଇଁ ଦିଲ୍ଲୀର ବନ୍ୟା ସିଂହ, ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ଜାମସେଦପୁରର ସୋନାଲ୍ ସିଂହ, ମିସ୍ କ୍ୟାଟ୍ଓ୍ୱାକ୍ ପାଇଁ ଆସାମର ତସିନା ନୀଲୁଫର ହୁସେନ୍, ମିସ୍ ମୋନାଲିସା ପାଇଁ ଇମ୍ଫାଲର ରାମିୟା ଥାଙ୍ଗଜମ୍ ଏବଂ ମିସ୍ ଆକ୍ଟିଭ୍ ପାଇଁ ଭୋପାଳର ତାପ୍ତି ଠାକୁର ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏଥର ମୋଟ ୪୧ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା। ସେଥି ମଧ୍ୟରୁ ଟାଇଟଲ୍ ବିଜୟିନୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୩ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ୨୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବା ସହ ନିଜ ବାପା କିମ୍ବା ମାଆଙ୍କ ସହିତ ଏକ ସପ୍ତାହ ଦକ୍ଷିଣ କୋରିଆ ପରିଭ୍ରମଣର ସୁଯୋଗ ମିଳିବ। ସେହିପରି ପ୍ରଥମ ରନର୍ସ ଅପ୍ଙ୍କୁ ସମୁଦାୟ ପୁରସ୍କାର ରାଶି ୧୦ ଲକ୍ଷ ଥିବା ବେଳେ ୧ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ। ଦ୍ୱିତୀୟ ରନର୍ସଅପ୍କୁ ୫୦ହଜାର ଟଙ୍କା ଓ କିଟ୍ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ର ବ୍ୟବସ୍ଥା ରହିଛି। ଏହା ଛଡ଼ା ଶ୍ରେଷ୍ଠ ତିନି ଜଣଙ୍କୁ ଇଜିପ୍ଟ ଭ୍ରମଣରେ ଯିବାକୁ ସୁଯୋଗ ମିଳିଛି। ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ନହ୍ନିପରୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ପୃଷ୍ଠପୋଷକ ମଳୟ ମହାପାତ୍ର, ଫେମିନା ମିସ୍ ଇଣ୍ଡିଆ ୨୦୧୯ ସୁମନା ରାଓ, ମିସ୍ ଗ୍ରାଣ୍ଡ ଇଣ୍ଡିଆ ୨୦୧୯ ଶିବାନୀ ଯାଦବ, ମିସ୍ ଇଣ୍ଡିଆ ୟୁନାଇଟେଡ୍ କଣ୍ଟିନେଣ୍ଟ ୨୦୧୯ ଶ୍ରେୟା ଶଙ୍କର, ମିସ୍ ଓ୍ୱାର୍ଲ୍ଡ କୁଇନଡାଂ ଚୀନ ୨୦୧୭ କିଓ କିଓ ଏବଂ ଦକ୍ଷିଣ କୋରିଆର ବିଶିଷ୍ଟ ଅଭିନେତ୍ରୀ ଜଙ୍ଗ ହେ ସନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ନାଗରିକତା ସଂଶୋଧନ ବିଲ୍ ୨୦୧୯ର ଏକ ସାକାରାତ୍ମକ ବିବରଣୀ

**ତପନ କୁମାର ନନ୍ଦ**

ସମ୍ପ୍ରତି ନାଗରିକତା ସଂଶୋଧନ ଅଧିନିୟମ (Citizenship Amendment Act) ସଂକ୍ଷେପରେ ଉଇଇ ଦ୍ୱାରା ଭାରତୀୟ ମୁସଲ୍ମାନ ମାନଙ୍କ ସ୍ୱାଧିନତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରେ କୌଣସି ହସ୍ତକ୍ଷେପ ନ କରି ଅନ୍ୟ ଧର୍ମର ଭାରତୀୟ ନାଗରିକ ଭଳି ସମାନ ସ୍ୱାଧିନତାର ସୁଯୋଗ ଦେଇଥାଏ। ମାତ୍ର ସଂମ୍ପ୍ରତି ଉଇଇ ଦ୍ୱାରା ଯୋଗ୍ୟ ଦରଖାସ୍ତ ଗୁଡ଼ିକ ଆଶୁ ସମାଧାନ ଏବଂ ତ୍ୱରାନିତକରଣ 'ଳରେ ଏହି ପ୍ରକ୍ରିୟାକୁ ୧୧ ବର୍ଷ ବଦଳରେ ଆଗାମୀ ୫ ବର୍ଷ ମଧ୍ୟରେ ସମାଧାନ କରିବାର ବାଟି 'ଟାଇ ଦେଇଛି ଏବଂ ଏଥିରେ ଆ'ଗାନିସ୍ତାନ, ବାଙ୍ଗଲାଦେଶ ଓ ପାକିସ୍ତାନରେ ଚିରପ୍ରତାଡ଼ୀତ ସଂଖ୍ୟାଲଘୁ ମାନଙ୍କ ପାଇଁ ଦୟାଭାବ ପୋଷଣ କରାଯାଇଛି, ଯେଉଁମାନେ ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଆମ ଦେଶରେ ରହିଆସୁଛନ୍ତି।

ନିମ୍ନରେ ଉଇଇ ସମ୍ପର୍କିତ କେତେକ ସାଧାରଣ ପ୍ରଶ୍ନୋତ୍ତର:-

ପ୍ର.-ଏହି ଧାରା ଦ୍ୱାରା ଭାରତରେ ରହୁଥିବା ମୁସ୍ଲମାନ ମାନଙ୍କ ଉପରେ କ'ଣ ପ୍ରଭାବ ପଡ଼ିବ ?

ଉ.-ଯେଉଁ ଭାରତୀୟ ମୁସଲମାନ ମାନେ କେବେ ହେଲେ ଭାରତ ଛାଡ଼ି ଅନ୍ୟତ୍ର ଯାଇନାହାଁନ୍ତି ଏବଂ ବଂଶାନୁକ୍ରମିକ ଭାବେ ଏଠାରେ ବସବାସ କରୁଛନ୍ତି, ତାଙ୍କ ଏଥିରେ ଭୟଭିତ ହେବାର କୌଣସି ଆବଶ୍ୟକତା ନାହିଁ। କାରଣ ଉଇଇ ଦ୍ୱାରା ଦେଶରେ ରହିଥିବା ୧୮ କୋଟି ଭାରତୀୟ ମୁସଲମାନ ମାନଙ୍କ ନାଗରିକତା ଉପରେ କୌଣସି ଆଞ୍ଚ ଆଣିବ ନାହିଁ କି ଏଥିରେ କ୍ଷତି ପହଞ୍ଚାଇବା ଭଳି କୌଣସି ବ୍ୟବସ୍ଥା ବା ନିୟମ କରାଯାଇ ନାହିଁ ଏବଂ ଅନ୍ୟାନ୍ୟ ଧର୍ମାଲମ୍ବୀ ଭଳି ତାଙ୍କର ମଧ୍ୟ ସମାନ ଅଧିକାର ରହିଛି। ଏହି ପରିପ୍ରେକ୍ଷୀରେ ଏହି ନିୟମ ଲାଗୁ ପରେ କୌଣସି ଭାରତୀୟ ନାଗରିକଙ୍କୁ ତାଙ୍କର ନାଗରିକତା ଦର୍ଶାଇବା ପାଇଁ ଲିଖିତ ପ୍ରମାଣ ଦେବାକୁ ପଡ଼ିବ ନାହିଁ।

ପ୍ର.-ବାଙ୍ଗଲାଦେଶ, ଆ'ଗାନିସ୍ତାନ ଏବଂ ପାକସ୍ତାନର ବେଆଇନ୍ ମୁସଲମାନ ମାନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ କିଛି ଚୁକ୍ତି ବା ଯୋଜନା କରାଯାଇଛି କି ?

ଉ.-ଭାରତ ଏହି ଦେଶମାନଙ୍କ ସହ ଏଭଳି କୌଣସି ନିଷ୍ପତ୍ତି ବା ଚୁକ୍ତି କରିନାହିଁ। ଏହି ନାଗରିକତା ଆଇନ୍ ଭାରତରେ ବେଆଇନ୍ ଭାବେ ରହିଆସୁଥିବା ପ୍ରବାସୀଙ୍କୁ ନିର୍ବାସିତ କରେ ନାହିଁ। ତେଣୁ ଏଥିରେ ସଂପୃକ୍ତ ବ୍ୟକ୍ତିମାନେ ବିଶେଷ କରି ମୁସଲମାନ ଏବଂ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ବ୍ୟକ୍ତ ମତ ବା ରାୟ ଯେ ଉଇଇ ମୁସଲମାନ ସଂଖ୍ୟାଲଘୁ ବିରୋଧି ଏହା ସମ୍ପୂର୍ଣ୍ଣ ଭିତିହୀନ ଏବଂ ଅଯୌକ୍ତିକ।

ପ୍ର.-କେଉଁମାନେ ବେଆଇନ୍ ଆପ୍ରବାସିକ ?

ଉ.-୧୯୫୫ ମସିହାରେ ଗଠିତ ନାଗରିକତା ସଂଶୋଧନ ଆଇନ୍ ଭଳି ଉଇଇରେ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ବେଆଇନ୍ ଭାବେ ବିନା କୌଣସି ଲିଖିତ ଦସ୍ତାବିଜ୍ ବା ପରିଚୟପତ୍ର ବିନା ଭାରତକୁ ପ୍ରବେଶ କରିଥିବା ବ୍ୟକ୍ତିମାନେ ହେଲେ ଆପ୍ରବାସିକ।

ପ୍ର.-ଏହି ଅଧିନିୟମାନୁଯାୟୀ ଇସ୍ଲାମ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ?

ଉ.-ତିନୋଟି ପ୍ରମୁଖ ମୁସଲିମ୍ ବହୁଳ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ବଢୁଥିବା ଅତ୍ୟାଚାର/ନିର୍ଯ୍ୟାତନା ଦ୍ୱାରା ଆଜି ସମଗ୍ର ଦେଶରେ 'ଇସଲାମ' ଧର୍ମ ମଳିନ ବା କୁତ୍ସତ ହେବାକୁ ବସିଛି। ହେଲେ ପ୍ରକୃତ ଅର୍ଥରେ ଇସ୍ଲାମ ହେଉଛି ଏକ ଶାନ୍ତିପୂର୍ଣ୍ଣ ଧର୍ମ ଏବଂ ଏହା କେବେହେଲେ ଘୃଣା, ଅହିଂସା କିମ୍ବା ଧାର୍ମିକ ଅସହିଷ୍ଣୁତାକୁ ପ୍ରଶ୍ରୟ ଦିଏ ନାହିଁ। ଗଠିତ ଅଧିନିୟମ ଏହି ନିର୍ଯ୍ୟାତିତ ମାନଙ୍କ ପାଇଁ ସହାନୁଭୂତି ଏବଂ କ୍ଷତିପୂରଣ ଯାହା ଇସ୍ଲାମକୁ ଏହି ନିର୍ଯ୍ୟାତନାର ମଳିନତାରୁ ରକ୍ଷା କରିପାରିବ।

ପ୍ର.-ଏଥିରେ ମୁସଲମାନ ମାନଙ୍କୁ ଭାରତୀୟ ନାଗରିକତା ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକତା ରହିଛି କି ?

ଉ.-ନା, ନାଗରିକତା ଆଇନ୍ ଧାରା ୦୬ ଅନୁଯାୟୀ, ଏଥିରେ ବିଶ୍ୱର ଯେ କୌଣସି ମୁସଲମାନଙ୍କୁ ଭାରତୀୟ ନାଗରିକତା ଗ୍ରହଣ କରିବାକୁ କୌଣସି ପ୍ରତିବନ୍ଧକତା ନାହିଁ। ଏହା ନାଗରିକତା ଆଇନ୍ର ପ୍ରାକୃତିକରଣ ପ୍ରକ୍ରିୟା ଭାବେ କାର୍ଯ୍ୟକରିଥାଏ।

ପ୍ର.-ଏହି ନିୟମରେ କୌଣସି ସଂଶୋଧନର ଆବଶ୍ୟକତା ରହିଛି କିଐୟ ?

ଉ.-ଏହା ପ୍ରମୁଖ ୩ଟି ମୁସଲିମ୍ ବହୁଳ ଦେଶରେ ବସବାସ କରୁଥିବା ସଂଖ୍ୟାଲଘୁଙ୍କ ପାଇଁ ଭାରତୀୟ ସଂସ୍କୃତିର ଚୀର ଉଦାରବାଦୀ ପରମ୍ପରା ଯାହା ତାଙ୍କୁ ଭାରତୀୟ ନାଗରିକତ୍ୱ ଦେବା ସହ ଏକ ସୁଖଦ ଏବଂ ସମୃଦ୍ଧ ଭବିଷ୍ୟତ ଗଢ଼ିବାରେ ସହାୟ ହେବ। ଆହୁରି ମଧ୍ୟ ଏହି ନିୟମାନୁଯାୟୀ ବେଆଇନ୍ ଆପ୍ରବାସୀ ପ୍ରବେଶକୁ ନିୟନ୍ତ୍ରଣ କରାଯାଇ ପାରିବ।

ପ୍ର.-ଏ ଦିଗରେ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଛି ?

ଉ.-ଏଥି ନିମନ୍ତେ ୨୦୧୬ ମସିହାରେ କେନ୍ଦ୍ର ସରକାର ଏହି ତିନୋଟି ଦେଶରେ ରହୁଥିବା ସଂଖ୍ୟାଲଘୁଙ୍କ ପାଇଁ ଭାରତରେ ଦୀର୍ଘକାଳୀନ ଭିସାର ବ୍ୟବସ୍ଥା ରହିଛି।

ପ୍ର.-ବିଦେଶରେ ସଂଖ୍ୟାଲଘୁ ମୁସଲମାନ ମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ରହିଛି କି ?

ଉ.-ଉଇଇ କେବେ ହେଲେ ପ୍ରାକୃତିକରଣ ନିୟମକୁ ବାତିଲ ବା ଖାରଜ କରେ ନାହିଁ। ସେଥିପାଇଁ ଯେ କୌଣସି ବ୍ୟକ୍ତି ସେ ବିଶ୍ୱର ଯେ କୌଣସି ଦେଶର ମୁସଲମାନ ହେଲେ ମଧ୍ୟ ଏହି ନିୟମ ମାଧ୍ୟମରେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଆହୁରୀ ମଧ୍ୟ ଏହି ନିୟମାନୁଯାୟୀ ଏହି ୩ଟି ଇସ୍ଲାମିକ୍ ଦେଶର ପ୍ରତାଡ଼ିତ ହେଉଥିବା ମୁସଲମାନ ମାନେ ମଧ୍ୟ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ।

ଏତଦ୍ଦ୍ୱାରା, ସଂପ୍ରତି ମୁସଲମାନ ସମ୍ପ୍ରଦାୟ ମିଥ୍ୟା ଗୁଜବ ତଥା ମିଥ୍ୟା ଖବର ଦ୍ୱାରା ଭ୍ରମିତ ବା ବିଚଳିତ ହୋଇ ବିବାଦ ସୃଷ୍ଟି କରିବା ଉଚିତ ନୁହେଁ ବରଂ ଆମ୍ଭେମାନେ ସମସ୍ତେ ହିଂସାକୁ ପ୍ରଶ୍ରୟ ନ ଦେଇ ଯଥା ସମ୍ଭବ ଏଥିରୁ ଦୂରେଇ ରହିବାକୁ ପ୍ରୟାସ କରିବା ଉଚିତ୍।

ଆଙ୍କୁଲା, ଯାଜପୁର

## ବିଜେପି ପକ୍ଷରୁ ନାଗରିକତା ସଂଶୋଧନ ଅଧିନିୟମ ସଂପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦ୍ରାପଡ଼ା,(ପିଏନ)- ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଜିଲ୍ଲା ତରଫରୁ ନବ ନିର୍ମିତ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହୋଟେଲ ପରିସରରେ ନାଗରିକତା ସଂଶୋଧନ ଅଧିନିୟମ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଗୁଡିକ ମଧ୍ୟରେ ନାଗରିକତା ସଂଶୋଧନ ଆଇନ କ'ଣ ? ଏହି ଆଇନ ବଳରେ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ଯଥା ପାକିସ୍ଥାନ, ବାଂଲାଦେଶ, ଆଫଗାନିସ୍ଥାନ ରେ ରହୁଥିବା ଏବଂ ସେଠାରେ ଉତ୍ପୀଡନର ଶିକାର ହୋଇ ସେଠାରୁ ବିସ୍ଥାପିତ ହୋଇଥିବା ନାଗରିକ ମାନଙ୍କୁ ନାଗରିକତା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ଦେଶର ଜନତା କୌଣସି ବିଭ୍ରାନ୍ତିକର ମନ୍ତବ୍ୟ ଓ ଅନ୍ୟର ପ୍ରରୋଚନାରେ ନଯାଇ ଉକ୍ତ ଆଇନକୁ ବୁଝିବା ନିମନ୍ତେ ନିବେଦନ କରାଯାଇଥିଲା। ଏଥିରେ କାହାରି ନାଗରିକତା ଛିନ୍ନ କରାଯିବାର ଅପପ୍ରଚାର କରୁଥିବା କିଛି ରାଜନୈତିକ ଦଳର ଅପପ୍ରଚ଼ରରେ ଜନସାଧାରଣ ନଯିବା ପାଇଁ ସଚେତନତା ଆଣିବା ସହ ଭାରତୀୟ ଜନତାପାର୍ଟି ଉକ୍ତ କାର୍ଯ୍ୟକ୍ରମକୁ ଆସନ୍ତା ଜାନୁୟାରୀ ୨୫ ତାରିଖ ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରତ୍ୟେକ ବୁଥ ସ୍ତରରେ, ପଂଚାୟତ ଏବଂ ବ୍ଲକ ସ୍ତରୀରେ କାର୍ଯ୍ୟକ୍ରମ ଚଳୁ ରଖିବା ନିମନ୍ତେ ସ୍ଥିର କରାଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଶ୍ରୀ ଅଲେଖ ଚନ୍ଦ୍ର ଜେନାଙ୍କ ସମେତ ରାଜ୍ୟ ପରିଷଦ ସଭ୍ୟ ସୁନାକର ବେହେରା ପୂର୍ବତନ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ନାଗରିକତା ସଂଶୋଧନ ଅଧିନିୟମ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ କିପରି ଭାବରେ ଜନ ସାଧାରଣଙ୍କ ନିକଟରେ ଘରେ ଘରେ ଉପସ୍ଥାପନା କରାଯିବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପିନ କୁମାର ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ଚାଟାର୍ଜୀ, କୃଷ୍ଣଚନ୍ଦ୍ର ପଣ୍ଡା, କାନନବାଳା ଦାସ, ସେକ ସଲିମ, ବିଭୁତିଭୂଷଣ କର, ନେହେରୁ କୁମାର ସାହୁ, ପ୍ରମୁଖ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରତ୍ନଭଣ୍ଡାର ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୁବ କଂଗ୍ରେସର ଦାବିପତ୍ର

ପୁରୀ, (ପିଏନ)- ବହୁଦିନ ଧରି ରତ୍ନଭଣ୍ଡାର ବନ୍ଦ ରହିଛି । ଏହାକୁ ଖୋଲିବା ପାଇଁ ଯୁବକଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିର ଆଇନ ୧୯୫୫ ଅନୁଯାୟୀ ନିୟମିତ ବ୍ୟବଧାନରେ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଗୁଡିକର ଗଣତି ଓ ମଣତି ହୋଇଥାଏ । ସମସ୍ତ ଘଟଣା ବିବରଣୀରେ ଲେଖାହେବା ସହ ପୂର୍ବ ତାଲିକାକୁ ମେଳକ କରାଯାଇଥାଏ । କିଛିମାସ ତଳେ ରତ୍ନଭଣ୍ଡାର ଖୋଲିବା ପାଇଁ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଅସଲି ଚାବି ନମିଳିବାରୁ ତାହା ଖୋଲିପାରିନଥିଲା। ପରେ କୌତୁହଳପୂର୍ଣ୍ଣ ଭାବେ ନକଲି ଚାବି ମିଳିଥିଲା । ଏହି ଘଟଣାକୁ ନେଇ ସେତେବେଳେ ଚର୍ଚ୍ଚା ଜୋର୍ ଧରିବା ସହ ରତ୍ନଭଣ୍ଡାର ଖୋଲିପାରିନଥିଲା । ଏଥିପାଇଁ ରାଜ୍ୟ ସରକାର ରଘୁବୀର ଦାସ କମିଶନ ନିୟୋଜିତ କରିଥିଲେ । ବିଧାନସଭାରେ ଆଇନମନ୍ତ୍ରୀ ରତ୍ନଭଣ୍ଡାର ବିବରଣୀ ଦେବା ପରେ ଏହା ଲକ୍ଷ ଲକ୍ଷ ଭକ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ରତ୍ନଭଣ୍ଡାର ବାହାରେ ତାଲା, ଭିତରେ ସିନ୍ଧୁକ ମେଲା ବୋଲି ଅନେକ ଭକ୍ତ ଚର୍ଚ୍ଚା କରୁଛନ୍ତି । ଶ୍ରୀମନ୍ଦିର ଆୟବ୍ୟୟ ସଂପର୍କିତ ଅଡିଟ ହେଉନାହିଁ । ଯାହାଫଳରେ ଜନସାଧାରଣ ଓ ଭକ୍ତଙ୍କ ସାମୂହିକ ଅର୍ଥ କିପରି ଖର୍ଚ୍ଚ ହେଉଛି ତାହା ସାଧାରଣ ଜନତା ଜାଣିପାରୁନାହାଁନ୍ତି । ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ଦେବା ସମୟରେ ଯୁବକଂଗ୍ରେସ ନେତା ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ସୌରଭ ପଟ୍ଟନାୟକ, କାହ୍ନୁଚରଣ ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ଅମୀୟ ମହାପାତ୍ର ଓ ରାଜକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday January 09 | ଭୁବନେଶ୍ୱର | ଗୁରୁବାର, ଜାନୁଆରୀ ୦୯ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ଇନଭଏସ୍ ମାର୍ଟ ସହ ଯୋଡ଼ି ହେଲା ଏଲ୍‌ଡିସି ଇଣ୍ଡିଆ

ଭୁବନେଶ୍ୱର : ଆକ୍ସିସ୍ ବ୍ୟାଙ୍କର ସମର୍ଥନ ଥିବା ଟ୍ରେଡ୍ ରିସିଭେବଲ୍ ଡିସକାଉଟିଂ ବ୍ୟବସ୍ଥା ଏବଂ ଭାରତର ଅନ୍ୟତମ ଅଗ୍ରଣୀ ଡିଜିଟାଲ୍ ଇନଭଏସ୍ ଡିସ୍‌କାଉଇଟିଂ ମାର୍କେଟ୍‌ପ୍ଲେସ୍ ଇନଭଏସ୍‌ମାର୍ଟ ପକ୍ଷରୁ ସଫଳତାର ସହିତ କୃଷିଜାତ ସାମଗ୍ରୀର ଏକ ବିଶ୍ୱ ସ୍ତରୀୟ ମର୍ଚାଂଟ୍ ତଥା ପ୍ରୋସେସର୍ ଲୁଇସ୍ ଡ୍ରେଫସ୍ କଂପାନି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଲଡିସି ଇଣ୍ଡିଆ)କୁ ନିଜ ପ୍ଲାଟଫର୍ମରେ ସାମିଲ କରିଛି। ଏହା ଦ୍ୱାରା ଏଲ୍‌ଡିସି ଇଣ୍ଡିଆର କ୍ଷୁଦ୍ର ଓ ମଧ୍ୟମ ଧରଣର (ଏମଏସଏମଇ) ଯୋଗାଣକାରୀମାନେ ଇନଭଏସ୍‌ମାର୍ଟର ପ୍ଲାଟଫର୍ମରେ ସେମାନଙ୍କ ଇନଭଏସ୍‌କୁ ଅପ୍‌ଲୋଡ୍ କରିବା ଏବଂ ମଂଜୁର ହେବାର ୪୮ ଘଂଟା ଭିତରେ ପେମେଂଟ୍ ପାଇପାରିବେ।ସରକାରଙ୍କ ନିୟମ ଅନୁସାରେ ୫୦୦ କୋଟି ଟଙ୍କାରୁ ଅଧିକ କାରବାର କରୁଥିବା ସଂସ୍ଥାଗୁଡ଼ିକ ଟିଆରଇଡିଏସ ପ୍ଲାଟଫର୍ମରେ ଯୋଡ଼ି ହେବାକୁ ପଡ଼ିବ। ସେହି ଆଧାରରେ ଇନଭଏସ ମାର୍ଟ ସହ ଯୋଡ଼ି ହୋଇଥିବା ପ୍ରଥମ ବିଶ୍ୱ ସ୍ତରୀୟ କମୋଡିଟି ବ୍ୟବସାୟୀ ହେଉଛି ଏଲଡିସି ଇଣ୍ଡିଆ। ଏହି ପ୍ଲାଟଫର୍ମରେ ଏମଏସଏମଇ ବିକ୍ରେତାମାନଙ୍କୁ ବଡ଼ କେତ୍ରାଙ୍କ ସହ କାରବାର କରିବା ବେଳେ ରିହାତି ମିଳିଥାଏ। ୧୯୯୭ରେ ପ୍ରତିଷ୍ଠା ହୋଇଥିବା ଏଲଡିସି ଇଣ୍ଡିଆ ଦେଶର କୃଷିଜାତ ସାମଗ୍ରୀ କ୍ଷେତ୍ରରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରୁଛି। ଏହି ସହଯୋଗିତା ଚୁକ୍ତି ସ୍ୱାକ୍ଷର ଅବସରରେ ଏଲଡିସି ଇଣ୍ଡିଆର ସିଇଓ ଶ୍ରୀଯୁକ୍ତ ବିପିନ ଗୁପ୍ତା କହିଛନ୍ତି ଯେ, ଇନଭଏସ ମାର୍ଟ ସହ ଯୋଡ଼ି ହେବାରେ ପ୍ରଥମ ବିଶ୍ୱ ସ୍ତରୀୟ କମୋଡିଟି ମର୍ଚାଂଟ ହୋଇଥିବାରୁ ଏଲଡିସି ଇଣ୍ଡିଆ ବହୁତ ଖୁସି। ଆମର ଉଲ୍ଲେଖନୀୟ ବଜାର ଉପସ୍ଥିତି ଦୃଷ୍ଟିରୁ ଦେଶର ଏମଏସଏମଇଙ୍କ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ ସେମାନେ କେବଳ ସୁଲଭ ମୂଲ୍ୟର ଉତ୍ପାଦ ଦେଉନାହାନ୍ତି ସେମାନେ ବିପୁଳ ନିଯୁକ୍ତି ମଧ୍ୟ ସୃଷ୍ଟି କରୁଛନ୍ତି। ଏମଏସଏମଇ କ୍ଷେତ୍ରକୁ ଲିକ୍ୱିଡିଟି ପ୍ରଦାନ କରିବା ଏବଂ କୃଷି କ୍ଷେତ୍ରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ସେହି ଅନୁସାରେ ଏହି ଚୁକ୍ତି ସ୍ୱାକ୍ଷାରିତ ହୋଇଛି।'' ଏ ଟିଆରଇଡିଏସର ଏମଡି ଓ ସିଇଓ ଶ୍ରୀଯୁକ୍ତ ପ୍ରକାଶ ଶଙ୍କରନ କହିଛନ୍ତି ଯେ, "ଇନଭଏସମାର୍ଟରେ ଏକ କ୍ରେତା ଭାବେ ଏଲଡିସି ଇଣ୍ଡିଆ ଯୋଡ଼ି ହେବା ଏବଂ ଟିଆରଇଡିଏସ ପ୍ଲାଟଫର୍ମରେ ସାମିଲ ହେବାରେ ପ୍ରଥମ କଂପାନି ହେବା ଆମ ପାଇଁ ସୌଭାଗ୍ୟର ବିଷୟ। ଏଲଡିସି ଇଣ୍ଡିଆର ଏକ ବୃହତ ଏମଏସଏମଇ ଯୋଗାଣକାରୀ ସଂଖ୍ୟା ରହିଛି ଏବଂ ସେମାନଙ୍କ କାର୍ଯ୍ୟକାରୀ ପୁଂଜି ଆବଶ୍ୟକତାକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ଆମେ ଚାହିଁ ରହିଛୁ। ଏହି ପ୍ଲାଟଫର୍ମ ବହୁତ ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ଆମର ଦକ୍ଷତା ବୃଦ୍ଧି ଲାଗି ଆର୍ଥିକ ପ୍ରଯୁକ୍ତି ଓ ନୂତନତ୍ୱରେ ଆମେ ନିବେଶ ଜାରି ରଖିଛୁ ଏବଂ ଆମ ପ୍ଲାଟଫର୍ମର ଅଂଶଗ୍ରହଣକାରୀଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରୁଛୁ। ଟିଆରଇଡିଏସ ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ୪୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏବଂ ୫୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଇନଭଏସ ଡିସକାଉଂଟ୍ ସହିତ ଇନଭଏସ୍‌ମାର୍ଟ ଅଗ୍ରଣୀ ସ୍ଥାନରେ ରହିଛି।''

## ରିଲାଏନ୍ସ ଜିଓ ପକ୍ଷରୁ ଭିଡିଓ ଓ ଭଏସ ୱାଇ-ଫାଇ କଲିଂ ସେବା ଶୁଭାରମ୍ଭ

ଭୁବନେଶ୍ୱର : ଗ୍ରାହକଙ୍କୁ ଶ୍ରେଷ୍ଠ ଉତ୍ପାଦ ଓ ଅନୁଭୂତି ପ୍ରଦାନ କରିଆସୁଥିବା ରିଲାଏନ୍ସ ଜିଓ ପକ୍ଷରୁ ଆଜି ଦେଶବ୍ୟାପୀ ସ୍ତରରେ ଭିଡିଓ ଓ ଭଏସ୍ ୱାଇ-ଫାଇ କଲିଂ ସେବା ଆରମ୍ଭ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି। ଶୁଭାରମ୍ଭ ସହିତ ପ୍ରତ୍ୟେକ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ଅନୁଭୂତି ପ୍ରଦାନ କରିବା ଲାଗି ବିଗତ କିଛି ମାସ ଧରି ଜିଓ ପକ୍ଷରୁ ଏହି ସେବାର ପରୀକ୍ଷଣ କରାଯାଉଥିଲା। ଜିଓ ୱାଇ-ଫାଇ କଲିଂରେ ଅନେକ ପ୍ରକାରର ସୁବିଧା ମିଳିବ। ଜିଓ ୱାଇ-ଫାଇ କଲ୍ କରିବା ପାଇଁ ଗ୍ରାହକମାନେ ଉପଲବ୍ଧ ଯେକୌଣସି ୱାଇ-ଫାଇ ନେଟୱାର୍କକୁ ବ୍ୟବହାର କରିପାରିବେ। ଭଏସ ଓ ଭିଡିଓ କଲ ନିରବଚ୍ଛିନ୍ନ ଭାବେ ଭୋଲ୍‌ଟି ଓ ୱାଇ-ଫାଇ ମଧ୍ୟରେ ପରିବର୍ତନ ହୋଇପାରିବ ଯାହା ଉନ୍ନତ ଭଏସ/ଭିଡିଓ କଲିଙ୍ଗ ଅନୁଭୂତି ପ୍ରଦାନ କରିବ। ବ୍ୟାପକ ବର୍ଗର ହ୍ୟାଣ୍ଡସେଟ୍‌ରେ ଜିଓର ୱାଇ-ଫାଇ କଲିଂ ସୁବିଧା କାର୍ଯ୍ୟ କରିବ। ଜିଓ ଗ୍ରାହକମାନେ ଭିଡିଓ ୱାଇ-ଫାଇ କଲ କରିପାରିବେ।

## କିସ୍-ଭୁବନେଶ୍ୱରର ମୟୂରଭଞ୍ଜ ଶାଖା : ଆଦାନୀ-କିସ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ବାରିପଦା : ମୟୂରଭଞ୍ଜ ଜିଲ୍ଲାରେ କିସ୍-ଭୁବନେଶ୍ୱରର ଏକ ଶାଖା ଖୋଲିଛି। ବାରିପଦା ନିକଟସ୍ଥ ବାଙ୍କିଶୋଳଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କିସ୍-ଆଦାନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ, ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମରାଣ୍ଡି, ମୟୂରଭଞ୍ଜ ଲୋକସଭା ସାଂସଦ ବିଶ୍ୱେଶ୍ୱର ଟୁଡୁ, ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଆଦାନୀ ଫାଉଣ୍ଡେସନ୍‌ର ଚେୟାରପର୍ସନ ଡ. ପ୍ରୀତି ଜି. ଆଦାନୀ, ଆଦାନୀ ପୋର୍ଟ୍‌ସ ଏବଂ ଏସ୍‌ଇଜେଡ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଦାନୀ ଏୟାରପୋର୍ଟସ ହୋଲ୍‌ଡିଂ ଲିମିଟେଡ୍‌ର ନିର୍ଦ୍ଦେଶକ କରଣ ଜି. ଆଦାନୀ, ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଶିକ୍ଷା ହିଁ ସଶକ୍ତିକରଣ ଓ ଶିକ୍ଷା ଜରିଆରେ ପ୍ରକୃତ ପରିବର୍ତନ ଆସିପାରିବ। ଶିକ୍ଷା ମାଧ୍ୟମରେ ଜନଜାତିଙ୍କ ସଶକ୍ତିକରଣ ନିମନ୍ତେ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସେ ଆଦାନୀ-କିସ୍ ଆବାସିକ ଜନଜାତି ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କିସ୍ କର୍ତ୍ତୃପକ୍ଷ ଓ ଆଦାନୀ ଗ୍ରୁପ୍‌କୁ ଧନ୍ୟବାଦ ଦେଇଥିଲେ। ଡା. ଆଦାନୀ କହିଲେ, ସାମାଜିକ ପରିବର୍ତନରେ ଶିକ୍ଷା ହେଉଛି ଏକ ପ୍ରମୁଖ ଅସ୍ତ୍ର। କିସ୍ ସହ ମିଶି ଆଦାନୀ ଫାଉଣ୍ଡେସନ୍ ବାରିପଦାଠାରେ ଆଦାନୀ-କିସ୍ ପ୍ରତିଷ୍ଠା କରିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛି। ଓଡ଼ିଶାର ଜନଜାତି ଅଧ୍ୟୁଷିତ ଅଂଚଳରେ ଶିକ୍ଷାର ମାନଚିତ୍ରକୁ ସୁଦୃଢ଼ କରିବା ନିମନ୍ତେ ଆଦାନୀ ଫାଉଣ୍ଡେସନ୍ କିସ୍ ସହ ମିଶି କାର୍ଯ୍ୟ କରିବା ଆଦାନୀ ଫାଉଣ୍ଡେସନ୍ ପାଇଁ ଖୁସିର ବିଷୟ ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ଶ୍ରୀ ସାମନ୍ତ କହିଲେ, ଗତ ୨୮ବର୍ଷ ତଳେ ଶିକ୍ଷା ମାଧ୍ୟମରେ ଓଡ଼ିଶାର ଜନଜାତିଙ୍କ ବିକାଶ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ କିସ୍ ଯେଉଁ ପ୍ରୟାସ ଆରମ୍ଭ କରିଥିଲା ତାହା ଅତ୍ୟନ୍ତ ସଫଳ ହୋଇଛି। କିସ୍ ଏବେ ବିଶ୍ୱର ସର୍ବ ବୃହତ ଜନଜାତି ଅନୁଷ୍ଠାନ ଓ ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟରେ ପରିଣତ ହୋଇପାରିଛି। ବର୍ତମାନ କିସ୍ ଭୁବନେଶ୍ୱରରେ ୩୦ ହଜାର ଜନଜାତି ଛାତ୍ରଛାତ୍ରୀ ପ୍ରଥମରୁ ସ୍ନାତକୋତର ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବେଳେ ୨୦ ହଜାର ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଚଳିତ ଶିକ୍ଷାବର୍ଷଠାରୁ କିସ୍ ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା କିସ୍‌ର ୧୦ଟି ଶାଖାକେନ୍ଦ୍ରରେ ୧୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୬୦ ହଜାର ଛାତ୍ରଛାତ୍ରୀ କିସ୍ ପଢ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ରାଜ୍ୟ ତଥା ରାଜ୍ୟ ବାହାରର ୬୦ ଲକ୍ଷ ପିଲାଙ୍କ ମଧ୍ୟରେ ଶିକ୍ଷା ପ୍ରତି ଯେଉଁ ସଚେତନତା ସୃଷ୍ଟି ହୋଇପାରିଛି ତାହା ହିଁ କିସ୍ ପାଇଁ ଗୁରୁତ୍ୱ ବହନ କରେ। ମୟୂରଭଞ୍ଜ ଜିଲ୍ଲାରେ କିସ୍‌ର ଏକ ଶାଖା ଖୋଲିବା ପାଇଁ ବିଭିନ୍ନ ଜନଜାତି ସଙ୍ଗଠନ, ବୁଦ୍ଧିଜୀବୀ ମହଲରେ ଅନୁରୋଧ ହୋଇ ଆସୁଥିଲା। ଆଜି ତାହା ସାକାର ହୋଇଛି। ଏଠାରେ ମୟୂରଭଞ୍ଜ ଜିଲ୍ଲାର ଗରିବ ଜନଜାତି ଛାତ୍ରଛାତ୍ରୀମାନେ ସର୍ବୋତମ ଶିକ୍ଷା ପାଇ ପାରିବେ। କିସ୍‌ର ସିଦ୍ଧାନ୍ତ ଅନୁସାରେ ଏଠାରେ ପ୍ରଥମ ପର୍ଯ୍ୟାୟରେ କେବଳ ମୟୂରଭଞ୍ଜ ଜିଲ୍ଲାର ୧୫ଶହ ଗରିବ ଜନଜାତି ଛାତ୍ରଛାତ୍ରୀ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢ଼ିବେ। ଆଦାନୀ-କିସ୍‌ରେ କେବଳ ମୟୂରଭଞ୍ଜ ଜିଲ୍ଲାର ପିଲାମାନେ ହିଁ ନିଯୁକ୍ତି ପାଇବେ। ଏହା ବ୍ୟତୀତ ଆଦାନୀ-କିସ୍ ଆବାସିକ ବିଦ୍ୟାଳୟରୁ ଉତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିବେ। ଆଦାନୀ ଫାଉଣ୍ଡେସନ୍‌ର ଆର୍ଥିକ ସହାୟତା ଏବଂ କିସ୍‌ର ସହଭାଗିତାରେ କିସ୍ ଜମିରେ ପ୍ରତିଷ୍ଠିତ ଏହି ଜନଜାତି ଆବାସିକ ବିଦ୍ୟାଳୟ କିସ୍-ଭୁବନେଶ୍ୱର ଭଳି ସଂପୂର୍ଣ୍ଣ ଆବାସିକ ଓ ନିଃଶୁଳ୍କ ଭାବେ ପରିଚାଳିତ ହେବ। ପ୍ରାୟ ୫୦ ଏକର ପରିମିତ ଜମି ଉପରେ ସମ୍ପୂର୍ଣ୍ଣ ସବୁଜିମା ପରିବେଶ ମଧ୍ୟରେ ପ୍ରତିଷ୍ଠିତ ଆଦାନୀ-କିସ୍‌ରେ କିସ୍ ଭୁବନେଶ୍ୱର ଭଳି ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇଛି। ଏଠାରେ ପ୍ରାକୃତିକ ଆଲୋକ ଓ ବାୟୁର ସର୍ବାଧିକ ଉପଯୋଗକୁ ଦୃଷ୍ଟିରେ ରଖି ଏଠାରେ ସମସ୍ତ କୋଠା ନିର୍ମାଣ କରାଯାଇଛି। ଏହା ଦ୍ୱାରା ଦିନ ବେଳା ବିଦ୍ୟୁତ ଶକ୍ତିର କମ୍ ଉପଯୋଗ କରାଯାଇ ପ୍ରାକୃତିକ ଆଲୋକ ଓ ବାୟୁ ବ୍ୟବହାର କରାଯାଇପାରିବ।

## ପିଟର ଇଂଲଣ୍ଡ ପକ୍ଷରୁ ନୂତନ ଡିଓଡ୍ରାଂଟ ବର୍ଗ ଉନ୍ମୋଚିତ

ଭୁବନେଶ୍ୱର: ଆଦିତ୍ୟ ବିର୍ଲା ଫେସନ ଆଣ୍ଡ ରିଟେଲ ଲିମିଟେଡର ଅଗ୍ରଣୀ ଆର୍ନ୍ତଜାତିକ ପୁରୁଷ ପୋଷାକ ବ୍ରାଣ୍ଡ ପିଟର ଇଂଲଣ୍ଡ ପୁରୁଷ ଗ୍ରୁମିଂ କ୍ଷେତ୍ରରେ ପ୍ରବେଶ କରିଛି। କଂପାନି ପକ୍ଷରୁ ୮ ପ୍ରକାର ଭିନ୍ନ ସୁଗନ୍ଧର ପ୍ରିମିୟମ ଡିଓଡ୍ରାଂଟକୁ ଉନ୍ମୋଚନ କରାଯାଇଛି ଯାହା ଆକ୍ଟିଭଓୟାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଯାହା ସମସାମୟିକ ପୁରୁଷଙ୍କ ପାଇଁ ଅତ୍ୟାବଶ୍ୟକ। ଆରୋମା ପ୍ରୋଟେକ୍ଟ ନାମକ ସ୍ୱତନ୍ତ୍ର ଉପାଦାନ ଥିବା ପ୍ରତିଟି ଡିଓଡ୍ରାଂଟ ୧୨ ଘଂଟା ପର୍ଯ୍ୟ' ସୁଗନ୍ଧ ପ୍ରଦାନ କରେ ଏବଂ ଶରୀରକୁ ଜୀବାଣୁ ଠାରୁ ଦୂରରେ ରଖି ସାରା ଦିନ ସତେଜ ସୁଗନ୍ଧ ପ୍ରଦାନ କରେ। ପ୍ରତିଟି ଭାରିଆଂଟର ମୂଲ୍ୟ ୧୯୯ ଟଙ୍କା ହୋଇଥିବା ବେଳେ ଏହି ୮ଟି ଭାରିଆଂଟ ହେଉଛି ଆକ୍ୱା, ଫ୍ଲୋରିସ, ଲିଜେଣ୍ଡ, ଓରିଏଟାଂଲ, ସେନସୁଆଲ, ସ୍ପାଇସି, ସ୍ପୋର୍ଟ ଓ ଉଡିୟ ପ୍ରତିଟି ସୁଗନ୍ଧ ତାହାକୁ ବ୍ୟବହାର କରିଥିବା ବ୍ୟକ୍ତିଙ୍କୁ ଏକ ଭିନ୍ନ ଦୁନିଆକୁ ନେଇଯିବ। ଏହା ଶକ୍ତିଶାଳୀ ଭାବ ପ୍ରଦାନ କରିବ ଯାହା ଜରିଆରେ ପୁରୁଷମାନେ ପ୍ରତିଟି ଦିନକୁ ନୂତନ ଭାବେ ସାମ୍ନା କରିବେ। ଏହା ଏବେ ୫୦୦ରୁ ଅଧିକ ବ୍ରାଣ୍ଡ ଆଉଟଲେଟ ଓ ଅନ୍ୟାନ୍ୟ ଷ୍ଟୋରରେ ଉପଲବ୍ଧ ହେଉଛି।

## ଡା ବାତ୍ରାଜର ଶ୍ୱାସକ୍ରିୟା ଜନିତ ରୋଗ ନିମନ୍ତେ ହୋମିଓପାଥି ଚିକିତ୍ସା ପରାମର୍ଶ

ଭୁବନେଶ୍ୱର: ଲାନ୍‌ସେଟ୍ ମେଡିକାଲ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବିଶ୍ୱର ପ୍ରତି ୧୦ ଜଣ ଆସ୍ଥମା ରୋଗୀଙ୍କ ମଧ୍ୟରେ ଜଣେ ଭାରତୀୟ ସାମିଲ ଅଛନ୍ତି। ଶୀତ ଋତୁ ନିଜ ସହ ଏକ ପରିବର୍ତିତ ପରିବେଶ ଆଣିଥାଏ ଯାହାକି କାଶ, ଥଣ୍ଡା ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ରୋଗକୁ ବଢାଇଥାଏ। ଆପଣଙ୍କ ପ୍ରିୟଜନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଡା ବାତ୍ରାଜ୍ ଏଠାରେ କିପରି ପ୍ରାକୃତିକ, ଯନ୍ତ୍ରଣାହୀନ ଓ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ହୋମିଓପାଥି ଏକ ସଠିକ୍ ଉପହାର ହୋଇପାରିବ ତାହା ଦର୍ଶାଇଛି। ଆଲର୍ଜିକ ରାଇନିଟାଇସ୍, ଆସ୍ଥମା, ବ୍ରୋନ୍‌କାଇଟିସ୍, ଟନ୍‌ସିଲାଇଟାଇସ୍ ଓ ସାଇନସାଇଟାଇସ୍ ଆଦି ଶ୍ୱାସକ୍ରିୟା ସମ୍ବନ୍ଧୀୟ କିଛି ରୋଗ ଅଟେ। ହୋମିଓପାଥି ଶ୍ୱାସକ୍ରିୟା ସମ୍ବନ୍ଧୀୟ ରୋଗଗୁଡିକର ଚିକିତ୍ସାରେ ନିଜର ସାମର୍ଥ୍ୟତା ପ୍ରମାଣିତ କରିଛି କାରଣ ଏହା ରୋଗସୂଚକ ଆଶ୍ୱସ୍ତି ପ୍ରଦାନ କରିବା ସହ ରୋଗ ପୁଣିଥରେ ଫେରିବାର ପ୍ରବୃତି ଓ ଆବୃତିକୁ କମ୍ କରିଥାଏ ଏବଂ ଜୀବନବ୍ୟାପୀ ଔଷଧ ଉପରେ ନିର୍ଭର କରିବାକୁ ମଧ ପଡିନଥାଏ। ସ୍କଟ୍‌ଲ୍ୟାଣ୍ଡରେ ଏକ ଆସ୍ଥମା ଆଉଟ୍‌ପେସେଂଟ୍ କ୍ଲିନିକ୍‌ରେ ଯୋଗ ଦେଇଥିବା କିଛି ରୋଗୀଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଯେଉଁ ରୋଗୀମାନେ ହୋମିଓପାଥିକ୍ ଇମ୍ୟୁନୋଥେରାପି ନେଇଥିଲେ ସେମାନେ ପ୍ଲାସେବୋ ନେଇଥିବା ରୋଗୀଙ୍କ ତୁଳନାରେ ଆସ୍ଥମାର କମ୍ ଲକ୍ଷଣର ସାମ୍ନା କରୁଥିବା ନେଇ ସୂଚନା ଦେଇଥିଲେ। ଡଃ ବାତ୍ରାଙ୍କ ନିକଟରେ ଥିବା ଅନ୍ୟ ଏକ ସର୍ବୋତମ ଓ ନୂତନ ଉଦ୍ଭାବନ ହେଉଛି ହୋମିଓପାଥି ଚିକିତ୍ସାରେ ଜେନେଟିକ୍ସର ଉପଯୋଗ କରିବା। ଏହା ସ୍ୱତନ୍ତ୍ର ରୂପେ ଡାକ୍ତରମାନଙ୍କୁ ସୁରକ୍ଷିତ ଓ ସଠିକ୍ ଭାବେ ଆଲର୍ଜିକ୍ ରାଇନିଟାଇସ୍, ଆସ୍ଥମା ଓ ବ୍ରୋନ୍‌କାଇଟିସ୍ ସମେତ ବଂଶାନୁଗତ ରୋଗ ଏବଂ ପିଲାମାନଙ୍କ ବିକାଶକୁ କ୍ଷତି ପହଂଚାଉଥିବା କୁପୋଷଣ ସମସ୍ୟା ଆଦିକୁ ଚିହ୍ନଟ କରିବାରେ ସହଯୋଗ କରିଥାଏ। ଜେନେଟିକ୍ ଟେଷ୍ଟ ପାଇଁ ଡଃ ବାତ୍ରାଙ୍କ ଜେନୋ ହୋମିଓପାଥିରେ ଏକ ସରଳ ଓ ଯନ୍ତ୍ରଣାହୀନ ସାଲିଭା ବା ଛେପର ପରୀକ୍ଷା ସାମିଲ ରହିଥାଏ; ଯାହାକି ରୋଗ ଆରମ୍ଭ ହେବାର ବହୁ ବର୍ଷ ପୂର୍ବରୁ ରହିଥିବା ଚିକିତ୍ସା ସମମସ୍ୟାର ଗାମ୍ଭୀର୍ଯ୍ୟତାକୁ ଆକଳନ କରିପାରିଥାଏ। ଜେନେଟିକ୍ ପରୀକ୍ଷଣକୁ ହୋମିଓପାଥି ଔଷଧ ସହ ସଂଯୋଗ କରି ଆମେ ଚିକିତ୍ସା ପରିଣାମରେ ୯୩%ରୁ ୯୭% ସୁଧାର ଆସିଥିବା ଦେଖିଛୁ। ଗତ ୩୦ ବର୍ଷ ମଧ୍ୟରେ ଡଃ ବାତ୍ରା କେବଳ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗ ପାଇଁ ୩୦,୦୦୦ରୁ ଅଧିକ ଚିକିତ୍ସା କକରି ପ୍ରାୟ ୧୦ ଲକ୍ଷରୁ ଅଧିକ ରୋଗୀଙ୍କର ଏକ ଆଧାର ସ୍ଥାପନ କରିଛନ୍ତି। ଶ୍ୱାସକ୍ରିୟା ସମ୍ବନ୍ଧିତ ଆଲର୍ଜିଗୁଡିକର ଚିକିତ୍ସାରେ ହୋମିଓପାଥିର ପ୍ରଭାବ ଉପରେ ମତବ୍ୟକ୍ତ କରି ଡା ବାତ୍ରାଜ୍ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ପ୍ରତିଷ୍ଠାତା ତଥା ପଦ୍ମଶ୍ରୀ ଡଃ ମୁକେଶ ବାତ୍ରା କହିଛନ୍ତି ଯେ, 'ମୋର ୪୫ ବର୍ଷର ଅଭ୍ୟାସ କାଳରେ ମୁଁ ଶ୍ୱାସକ୍ରିୟା ସମ୍ବନ୍ଧିତ ଗମ୍ଭୀର ସମସ୍ୟା ଭୋଗୁଥିବା ଲୋକଙ୍କୁ ଦେଖିଛି; ଯେଉଁ ରୋଗଗୁଡିକୁ ସହଜରେ ହୋମିଓପାଥି ଦ୍ୱାରା ଚିକିତ୍ସା କରାଯାଇପାରିବ ଏବଂ ଯାହା ଅତ୍ୟ' ସହଜ ଓ ସୁରକ୍ଷିତ ଅଟେ। ମୁଁ ଏହି ରୋଗଗୁଡିକରୁ ହୋମିଓପାଥି କିଭଳି ଦୀର୍ଘସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରୁଛି ତାହା ମଧ ଦେଖିଛି।' ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗରେ ପୀଡିତ ଥିବା ରୋଗୀମାନଙ୍କ ପାଇଁ ଡଃ ବାତ୍ରାସ୍ କ୍ଲିନିକ୍‌ରେ ଡଃ ବାତ୍ରାଙ୍କ ତରଫରୁ ଏକ ସ୍ୱତନ୍ତ୍ର ଅଫର୍ ଦିଆଯାଉଛି। ଯେକୌଣସି ଶ୍ୱାସକ୍ରିୟାଜନିତ ରୋଗ ପାଇଁ ଜେନୋ ହୋମିଓପାଥି ଚିକିତ୍ସା ୨୦% ରିହାତି ସହ ଉପଲବ୍ଧ ହେବ।

## ଏସ୍‌ପ୍ଲାନେଡ୍ ୱାନ୍ ମଲ୍‌ରେ ୩ ଦିନିଆ ଫ୍ଲାଟ୍ ୫୦% ରିହାତିକୁ ଉପଭୋଗ କରନ୍ତୁ

ଭୁବନେଶ୍ୱର : ଓଡ଼ିଶାର ଏକ ନମ୍ବର ମଲ୍ ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ତରଫରୁ ତିନି ଦିନିଆ ଫ୍ଲାଟ୍ ୫୦% ରିହାତି ବିଷୟରେ ଘୋଷଣା କରାଯାଇଛି। ମଲ୍ ତରଫରୁ "ଅସଲି ହାପିନେସ୍ ୱାଲା ସେଲ୍'ର ଅଂଶ ସ୍ୱରୂପ ଏହି ତିନିଦିନିଆ ସପିଙ୍ଗ ଉତ୍ସବ ଜାନୁଆରି ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗ୍ରାହକମାନେ ମ୍ୟାକ୍ସ, ଗ୍ଲୋବାଲ ଦେସି, ବିଙ୍ଗ ହ୍ୟୁମାନ, ହାମଲେଜ୍, ବିଗ୍ ବଜାର, ରିଲାଏନ୍ସ ଟ୍ରେଣ୍ଡସ୍, ହୋମ୍ ସେଂଟର ଓ କାଜୋ ଆଦରୁ ସପିଙ୍ଗ କରିପାରିବେ। ଅଭିଭାବକମାନେ ସପିଙ୍ଗ କରୁଥିବା ବେଳେ ସେମାନଙ୍କ ପିଲାମାନଙ୍କ କୌତୁକ ପାଇଁ ମଲ୍ ପରିସରରେ ବ୍ୟବସ୍ଥା କରାଯାଇଛି। ପିଲାମାନେ ଫେସନ୍ ସୋ' ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର, ଗିଫଟ ଭାଉଚର, ସାର୍ଟିଫିକେଟ୍ ଏବଂ ଆହୁରି ବହୁତ କିଛି ପାଇପାରିବେ। ଏ ସଂକ୍ରାନ୍ତରେ ଏସପ୍ଲାନେଡ୍ ୱାନ୍‌ର ସେଂଟର ଡାଇରେକ୍ଟର ପାର୍ଥ ନାୟକ କହିଛନ୍ତି ଯେ, "ଏସପ୍ଲାନେଡ୍ ୱାନ୍ ମଲ୍‌ରେ ଆମେ ସର୍ବଦା ଗ୍ରାହକଙ୍କୁ ଖୁସି କରିବାକୁ ଉଦ୍ୟମ କରିଥାଉ। ଆମର ଅସଲି ହାପିନେସ ୱାଲା ସେଲ୍‌ର ତତ୍କାଳ ସୁବିଧା ଏବଂ ବ୍ୟାପକ ଅଫର ଆମ ଗ୍ରାହକଙ୍କ ସପିଙ୍ଗ ଓ ମନୋରଂଜନ ସ୍ତରକୁ ବହୁତ ଉପରକୁ ନେଇପାରୁଛି।'' ଏହି ଅବସରରେ ଗ୍ରାହକମାନେ ମଲ୍‌ରେ ଥିବା ରେଷ୍ଟୋରାଁଗୁଡିକରେ ମେଗା ରିହାତି ଓ ଡିଲ୍ ପାଇପାରିବେ। ଭୁବନେଶ୍ୱର ଟେଷ୍ଟ ଫ୍ୟାକ୍ଟରି, କେଏଫସି, ଏସିଆ ୭, ପିଜ୍ଜା ହଟ୍ ଆଦିରେ ଅନେକ ଆକର୍ଷଣୀୟ ରିହାତି ମିଳିବ। ୧୨୯ ଟଙ୍କା ଭଳି କମ୍ ଦାମରେ ଖାଦ୍ୟ ସାମଗ୍ରୀ ମିଳିବ। ଚିଲିଜ୍‌ର ବୋଗୋ ଡିଲ୍ ଓ ସିଗ୍ରିର ବୁଫେ ମଧ୍ୟ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିବ। ଏହି ଅବସରରେ ଗ୍ରାହକମାନେ ଅନେକ ଆକର୍ଷଣୀୟ ପୁରସ୍କାର ଜିତିପାରିବେ। ଅଢ଼େଇ ହଜାର ଟଙ୍କାରୁ ଅଧିକ ମୂଲ୍ୟର ସପିଙ୍ଗ କରୁଥିବା ଗ୍ରାହକମାନେ ତତ୍କାଳ ସୁନା ଏବଂ ରୁପା କଏନ, ସିନେପୋଲିସର ମାଗଣା ସିନେମା ଟିକଟ ଇତ୍ୟାଦି ଜିତିବାର ସୁଯୋଗ ପାଇବେ। ଜଣେ ଭାଗ୍ୟଶାଳୀ ବିଜେତା ବିଏମଡବ୍ଲୁ ବାଇକ ଜି-୩୧୦ ଆର ଜିତିପାରିବେ। ଏହା ବ୍ୟତୀତ ସୁଜୁକି ଇଂଟ୍ରୁଡର ବାଇକ୍ ଏବଂ ଆମ୍ପିୟର ଇଲେକ୍ଟ୍ରିକ୍ ସ୍କୁଟର ଜିତିବାର ମଧ୍ୟ ଅନେକ ସୁଯୋଗ ରହିଛି।

## ପ୍ରତ୍ୟେକ ଖବରକୁ ଗଣମାଧ୍ୟମ ଗୁରୁତ୍ୱ ଦେବା ଉଚିତ୍: ରାଜ୍ୟପାଳ

ଭୁବନେଶ୍ୱର: ଏକ ସଶକ୍ତ ଓ ବିକଶିତ ସମାଜ ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ହେଉଛି ସାଧାରଣ ଲୋକଙ୍କ ସ୍ୱର। ସେମାନଙ୍କର ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ। ମାଜରେ ଘଟୁଥିବା ଅନେକ ସକାରତ୍ମକ ଘଟଣା ଲୋକଲୋଚନକୁ ଆସିବା ଦରକାର। ସବୁ ପ୍ରକାର ଖବର ପ୍ରକାଶ ପାଇଲେ ଖବରକାଗଜର ମହତ୍ତ୍ୱ ରହିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମଙ୍ଗଳବାର ଜୟଦେବ ଭବନ ଠାରେ ଦୈନିକ ଉର୍ଦ୍ଦୁ ଖବରକାଗଜ 'ଅଖବାରନାମା'ର ୮ମ ସ୍ୱନକ୍ଷତ୍ର ଉତ୍ସବକୁ ଉଦ୍‌ଘାଟନ କରି ଏହା କହିଛନ୍ତି ରାଜ୍ୟପାଳ। ଏହି ଅବସରରେ ଅଖବାରନାମା ଖବରକାଗଜର ସମ୍ପାଦକ ଶେଖ୍ ସିରାଜ ମହମ୍ମଦ, ପରିଚ୍ଛଳନା ସମ୍ପାଦକ ଶେଖ୍ ରିଆଜ ମହମ୍ମଦ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମୁଖ୍ୟ ଅତିଥି ପ୍ରଫେସର ଗଣେଶୀ ଲାଲ୍ ଏବଂ ଅନ୍ୟାନ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ (ମେମେଣ୍ଟୋ) ଦେଇ ସମ୍ମାନିତ କରିଥିଲେ। ରାଜ୍ୟପାଳ ଆହୁରି କହିଛନ୍ତି, ରାଜନୀତି ଲୋକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟିକରେ। କିନ୍ତୁ ସଂସ୍କୃତି ଲୋକମାନଙ୍କୁ ଯୋଡ଼େ। ସୃଷ୍ଟି ଏକ ଏବଂ ଏହାର ସ୍ରଷ୍ଟା ମଧ୍ୟ ଏକ୍।



### ଅଖବାରନାମାର ୮ମ ସ୍ୱନକ୍ଷତ୍ର ଉତ୍ସବ

ଆମ ଦେଶରେ ବହୁ ଧର୍ମର ସମାହାର ଦେଖିବାକୁ ମିଳେ, ଆଉ ସବୁ ଧର୍ମ କେବଳ ସମସ୍ତଙ୍କୁ ଭଲ ପାଇବା ହିଁ ଶିକ୍ଷା ଦେଇଥାଏ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଅତି ସୁନ୍ଦର ମହକ ଦେଇଥାଏ, ଫୁଲର ବାସ୍ନା ଯେପରି ବିଭେଦ ଓ ବନ୍ଧନମାନେ ନାହିଁ, ସେହିପରି ମାନବୀୟ ସତ୍ତା ସମସ୍ତ ସଂକୀର୍ଣ୍ଣତାକୁ ଅତିକ୍ରମ କରିବା ଦରକାର। କିଏ ପ୍ରକାଶ କହେ, କିଏ ନୁର୍ କହେ ତ' ପୁଣି କିଏ ଲାଇଟ୍ କୁହେ। କିନ୍ତୁ ସମସ୍ତ କଥା ଆଲୋକକୁ ହିଁ ବୁଝାଇଥାଏ। ସେହିପରି ଗୀତା, କୋରାନ୍ ହେଉ ଅବା ବାଇବେଲ୍ କିମ୍ବା ଇଶ୍ୱର, ଆଲ୍ଲା ହୁଅନ୍ତୁ ବା ଯୀଶୁ ସମସ୍ତେ ଏକ୍। କେବଳ ଅଲଗା ଅଲଗା ନାମରେ ଆମ ମଧ୍ୟରେ ପରିଚିତ ବୋଲି କହିଛନ୍ତି ରାଜ୍ୟପାଳ। ସେହିପରି କୋରାନ୍‌ରେ ଥିବା ସଙ୍ଗୀତ ଓ ବାଇବେଲ୍ ପ୍ରୟୋଗ ଉର୍ଦ୍ଦୁ ଭାଷା ଅନନ୍ୟ ସାହିତ୍ୟ ସୃଷ୍ଟି କରିଥାଏ। ସମସ୍ତେ ଏକାଠି କାର୍ଯ୍ୟକଲେ ଆମ ଦେଶ ସଶକ୍ତ ହେବ ବୋଲି କହିଛନ୍ତି ରାଜ୍ୟପାଳ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ଖୁବ୍ କମ୍ ଦିନ ମଧ୍ୟରେ ଅଖବାରନାମା ଭଳି ଏକ ଉର୍ଦ୍ଦୁ ଖବରକାଗଜ ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି। ଲୋକଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବାରେ ଏହା ଗୁରୁଦାୟିତ୍ୱ ନିର୍ବାହ କରିଛି। ରାଜ୍ୟର ଏକମାତ୍ର ଦୈନିକ ଉର୍ଦ୍ଦୁ ସମ୍ବାଦପତ୍ର ଭାବେ ଏହା ନୂଆ ଉଦାହରଣ ସୃଷ୍ଟି କରିପାରିଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମକବୁଲ୍ ଇସଲାମ୍ କହିଥିଲେ ଯେ ଭାଷା ହେଉଛି ଆମ ପରିଚୟ। ଉର୍ଦ୍ଦୁ ହେଉଛି ଦେଶର ୧୧ତମ ଭାଷାୟ ଭାଷା ବଞ୍ଚିଲେ ସଂସ୍କୃତି ବଞ୍ଚିବ ଓ ଖବରକାଗଜ ବଞ୍ଚିଲେ ସଭ୍ୟତା ବଞ୍ଚିବ। ସେହିପରି ଇସଲାମ୍‌ରେ ସୁଫି ଦର୍ଶନ ଓ ବେଦ ବେଦାନ୍ତ ମଧ୍ୟରେ ନିବିଡ଼ ସମନ୍ୱୟ ରହିଛି ବୋଲି ସେ କହିଥିଲେ। ବରିଷ୍ଠ ସାମ୍ବାଦିକ ଦିଲୀପ୍ ବିଶୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଖବାରନାମାର ପରିଚ୍ଛଳନା ସମ୍ପାଦକ ସେଖ୍ ରିଆଜ୍ ମହମ୍ମଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ସେଖ୍ ସିରାଜ୍ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ ରାଜ୍ୟପାଳ। ସମ୍ମାନିତ ହୋଇଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ମହମ୍ମଦ ଅବଦୁଲ୍ ବାରୀ, ମୌଲାନା ସୟଦ ନକିବୁଲ୍ ଅମିନ୍ ବର୍କ, ସୟଦ ରେହେମାନୀ, ସଲ୍‌ମା ଆଜ୍‌ମୀ ବାନୁ, ଡକ୍ଟର ଅବଦୁଲ ଓସିଦ୍ ଖାଁ ଓ ମହମ୍ମଦ୍ ଫକରୁଦ୍ଦିନଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ପରିଚଳନା କରିଥିଲେ ରାଜଲକ୍ଷ୍ମୀ ବେଦୁଲା। ସଭା କାର୍ଯ୍ୟ ଶେଷ ହେବା ପରେ ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମକୁ ପରିଚ୍ଛଳନା କରିଥିଲେ ଗୁଲ୍‌ସନ୍ ନଦିମ୍ ଏବଂ ସାଥୀ କଳାକାରମାନେ। ଏହି ସାଂସ୍କୃତି କାର୍ଯ୍ୟକ୍ରମରେ ଶୁଣିବାକୁ ମିଳିଥିଲା ୭୦ ଦଶକର ଲୋକପ୍ରିୟ ବଲିଉଡ୍ ଗୀତ। ଯାହାକୁ ଶୁଣି ମନ୍ତ୍ରମୁଗ୍ଧ ହୋଇଥିଲେ ସେଠାରେ ଉପସ୍ଥିତି ଥିବା ଶତାଧିକ ଶ୍ରୋତା।

## ପଟ୍ଟାମୁଣ୍ଡାଇ ଅଂଚଳର ବିକାଶ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ରାଜନଗର ବିଧାୟକ

କେନ୍ଦ୍ରାପଡ଼ା: ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନସମସ୍ୟା ସମାଧାନ ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ମଙ୍ଗଳବାର ଅପରାହ୍ନରେ ବିଧାୟକ ଶ୍ରୀ ସାହୁ ଜିଲ୍ଲା କାର୍ଯ୍ୟାଳୟରେ ପହଁଚିବା ପରେ ଜିଲ୍ଲାପାଳଙ୍କ ସହ ଏ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡର ନବୀକରଣ ପାଇଁ ଆଲୋଚନା କରିଥିଲେ। ଆଳି, କନିକା, ରାଜନଗର ପ୍ରଭୃତି ଅଂଚଳକୁ ଏହି ବସ୍‌ଷ୍ଟାଣ୍ଡ ମାଧ୍ୟମରେ ଦୈନିକ ଶତାଧିକ ଯାତ୍ରୀବାହୀ ଗାଡି ଯାତାୟତ କରୁଥିବାବେଳେ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ମୁଖ୍ୟ ମାଧ୍ୟମ ରହିଛି। ଏହାର ନବୀକରଣ କରିବା ସହ ପଟ୍ଟାମୁଣ୍ଡାଇ ମଡେଲ୍ ଥାନାର ନୂତନ ଗୃହ ନିର୍ମାଣ, ରିଙ୍ଗରୋଡ୍, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ନୂତନ ନିର୍ମାଣ, ବହୁ ପୁରାତନ କଚେରୀ ପୋଖରୀ ନିକଟରେ ପାର୍କ ନିର୍ମାଣ ଓ ଶ୍ମଶାନ ଘାଟର ଆଧୁନିକୀକରଣ, ପଟ୍ଟାମୁଣ୍ଡାଇରେ ନୂଆ ତହସିଲ୍ କାର୍ଯ୍ୟାଳୟ ନିର୍ମାଣ, ପଟ୍ଟାମୁଣ୍ଡାଇ ବଜାରରୁ ଜଳ ନିଷ୍କାସନ ପାଇଁ ମୁଖ୍ୟ ଡ୍ରେନ୍ ନିର୍ମାଣାଦୀ ବିଷୟରେ ଆଲୋଚନା କରାଯାଇଥିଲା। ଏ ବୈଠକରେ ବିଧାୟକ ଶ୍ରୀ ସାହୁ ଓ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ସମେତ ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ତହସିଲଦାର ଶରତ କୁମାର ଗିରି, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସଂପଦ କୁମାର ସ୍ୱାଇଁ, ପୂର୍ତ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ଦାସ, ଜଳସଂପଦ ଓ ଡ୍ରେନେଜ୍ ଏଜୁକେଟିଭ୍ ଇଂଜିନିୟର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ୩୧ ତାରିଖରେ ଭିତର କନିକା ମହୋତ୍ସବ :ପ୍ରସ୍ତୁତି କମିଟି ଗଠନ

କେନ୍ଦ୍ରାପଡ଼ା: ଆନ୍ତର୍ଜାତୀକ ଅଭୟାରଣ୍ୟ ଭିତରକନିକାର ଐତିହ୍ୟ ପରମ୍ପରା ଓ ଅଜ୍ଞାତ ତଥ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଭିତର କନିକା ମହୋତ୍ସବର ଆୟୋଜନ କରାଯାଇଛି। ଚଳିତମାସ ୩୧ ତାରିଖଠାରୁ ଭିତରକନିକା ମହୋତ୍ସବ ଆରମ୍ଭ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବିଧାୟକ ଧ୍ରୁବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବର ପ୍ରଚାର ପ୍ରସାର ସହ ଏହାକୁ ସୁ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଥିବା ଜଣାପଡିଛି। ବିଧାୟକ ଶ୍ରୀ ସାହୁଙ୍କ ସମେତ ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, ଅଧ୍ୟାପକ ଅତୁଲ ବଳ, ସଂଗୀତଜ୍ଞ ବସନ୍ତରାଜ ସାମଲ, ଚୌଧୁରୀ ଅମିତାବ ଦାସ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଉପଲକ୍ଷେ ଏକ ପୁସ୍ତିକା ପ୍ରକାଶ ପାଇବ। ଭିତର କନିକା ବିଷୟକୁ ଆଧାର କରି ଲେଖକ, ପ୍ରାବନ୍ଧିକମାନେ ଲେଖା ପଠାଇବାକୁ ପ୍ରସ୍ତାବ ଦିଆଯାଇଛି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray